### ଚୁଲିକୁ ଗଲାଣି ଯୋଜନା

# ଠିକାଦାରଙ୍କ କବ୍‌ଜାରେ ସରକାରୀ ଖଳା

ଶେରଗଡ଼, ୯ ।୧୨(ସମିସ): ଲୋକଙ୍କ ହିତସାଧନକୁ ପ୍ରାଧାନ୍ୟ ଦିଆଯାଇ ବହୁ ଜନହିତକର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି କିନ୍ତୁ ବିକାଶ ଯୋଜନାରେ ନିର୍ମିତ ଜନହିତକର ପ୍ରକଳ୍ପଗୁଡିକର କିଭଳି ଅପବ୍ୟବହାର ହେଉଛି, ତାହାର ନଗ୍ନଚିତ୍ର ଶେରଗଡ ବ୍ଲକର କିଛି ପଞ୍ଚାୟତରେ ଦେଖିବାକୁ ମିଳିଛି। ପର୍ଯ୍ୟାପ୍ତ ସ୍ଥାନ ଅଭାବରୁ ଶସ୍ୟ ସାଇତି ରଖିବା ଠାରୁ ଆରମ୍ଭ କରି ଅମଳ କରିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ଚାଷୀଙ୍କ ଲାଗି ସରକାର ଖଳା ଯୋଜନା ପ୍ରଣୟନ କରିଥିଲେ। ଏହି ଯୋଜନାରେ ବିଭିନ୍ନ ପଞ୍ଚାୟତରେ ସରକାରୀ ଖଳା ନିର୍ମାଣ କରାଯାଇଛି। ସରକାରଙ୍କ ସିଡିପିଟିଇଏସ ଯୋଜନାରେ ୭ ଲକ୍ଷ ୩୨ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଲା ଧାନ ଖଳା ନଥିବା ଅଭାବୀ ଚାଷୀମାନେ ସରକାରଙ୍କ ଏହି ଯୋଜନାରୁ ଉପକୃତ ହେବେ। ଉତ୍ପାଦିତ ହେଉଥିବା ଧାନ ସହ ଅନ୍ୟାନ୍ୟ ଶସ୍ୟ ଜାତୀୟ ଫସଲକୁ ଚଟାଣରେ ରଖି ସୁରକ୍ଷିତ ଭାବେ ଅମଳ କରିପାରିବେ ଏବଂ ସରକାରୀ ଯୋଜନାର ସୁଫଳ ଲାଭ କରିବେ। କିନ୍ତୁ ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଯୋଜନାର ବାସ୍ତବ ଉଦ୍ଦେଶ୍ୟକୁ ଜଳାଞ୍ଜଳି ଦିଆଯାଇଛି। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ହେତୁ ସରକାରଙ୍କ ଏହି ମହତାକାଂକ୍ଷୀ ଖଳା ଯୋଜନା ଶେରଗଡ ବ୍ଲକରେ ବାଟବଣା ହୋଇଛି। ଲକ୍ଷାଧିକ ଟଙ୍କାରେ ନିର୍ମିତ ଖଳା ଲୋକଙ୍କ କାମରେ ଲାଗୁନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶେରଗଡ ବ୍ଲକ ଶେରଗଡ ସଦର ପଞ୍ଚାୟତ ଶୀତଳା ସରକାରୀ ବିଦ୍ୟାଳୟ ନିକଟରେ ନିର୍ମିତ ସରକାରୀ ଖଳା ବିଗତ ୨ ବର୍ଷ ହେଲା ଜନୈକ ଠିକା ସଂସ୍ଥାର କବଜାରେ ରହିଛି। ନିକଟରେ ଏକ ଜଳ ପ୍ରକଳ୍ପ ନିର୍ମାଣ ଲାଗି ଆବଶ୍ୟକ ଗୁଡି, ବାଲି ସମେତ ଅନ୍ୟାନ୍ୟ ସାମଗ୍ରୀ ସମ୍ପୃକ୍ତ ଠିକା ସଂସ୍ଥା ପକ୍ଷରୁ ମହଜୁଦ ରଖାଯାଇଛି। ସରକାରୀ ଖଳାକୁ ସଂପୃକ୍ତ ଠିକା ସଂସ୍ଥା ନିଜ କବଜାରେ ରଖିଥିବାବେଳେ ଉକ୍ତ ଖଳା ନିର୍ମାଣ ପରେ ନିଜ ଶସ୍ୟ ଅମଳ କାର୍ଯ୍ୟ ଲାଗି ଉକ୍ତ ଖଳା ଉପରେ ନିର୍ଭରଶୀଳ ସ୍ଥାନୀୟ ଅଞ୍ଚଳର ଧାନ ଚାଷୀ ନିରାଶ ହେବା ସହିତ ବିଲରେ ଶସ୍ୟ ଅମଳ ଲାଗି ବାଧ୍ୟ ହେଉଛନ୍ତି। ଗୋଟିଏ ପଟେ ଲଘୁଚାପ ବର୍ଷା ଚାଷୀଙ୍କୁ ଡରାଉଥିବା ବେଳେ ଅନ୍ୟ ପକ୍ଷରେ ସରକାରଙ୍କ ଧାନ ମଣ୍ଡି ଲାଗି ନିୟମ ନେଇ ଚାଷୀ ମହଲରେ ଭାଳେଣି ପଡିଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।

### ଫସଲ ଅମଳ ଲାଗି ଚାଷୀ ଦହଗଞ୍ଜ



### ଛତ୍ରପୁରକୁ ଜାତୀୟ ପଞ୍ଚାୟତ ପୁରସ୍କାର

ଛତ୍ରପୁର, ୯ ।୧୨(ସମିସ): ଘୋଷଣା ହୋଇଛି ଜାତୀୟ ପଞ୍ଚାୟତ ପୁରସ୍କାର। ସେଥିମଧ୍ୟରୁ ଓଡ଼ିଶାକୁ ମିଳିବ ୭ ପୁରସ୍କାର। ଆସନ୍ତା ୧୧ ତାରିଖରେ ଏହି ପୁରସ୍କାର ଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ୨୦୨୪ ପାଇଁ ସମ୍ମାନଜନକ ଜାତୀୟ ପଞ୍ଚାୟତ ପୁରସ୍କାରର ବିଜେତାଙ୍କ ନାମ ଘୋଷଣା କରିଛି। ଏହି ପୁରସ୍କାର ଦାରିଦ୍ର୍ୟ ଦୂରୀକରଣ, ସ୍ୱାସ୍ଥ୍ୟ, ଶିଶୁ କଲ୍ୟାଣ, ଜଳ ପର୍ଯ୍ୟାପ୍ତତା, ପରିମଳ, ଭିତ୍ତିଭୂମି ବିକାଶ, ସାମାଜିକ ନ୍ୟାୟ, ମହିଳା ସଶକ୍ତିକରଣ ଏବଂ ଜଳବାୟୁ ସ୍ଥିରତା ଭଳି ପ୍ରମୁଖ କ୍ଷେତ୍ରରେ ସଫଳତା ଉଦ୍ଦେଶ୍ୟରେ ଦିଆଯାଇଥାଏ। ଓଡ଼ିଶାକୁ ଜାତୀୟ ପଞ୍ଚାୟତ ପୁରସ୍କାରରେ ମୋଟ୍ ୭ଟି ପୁରସ୍କାର ମିଳିବ। ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ କେଲୁଆପଲ୍ଲିକୁ ସୁସ୍ଥ ପଞ୍ଚାୟତ ଓ ଆତ୍ମନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁର ସାହାପୁର ପଞ୍ଚାୟତକୁ ଦୀନଦୟାଳ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ପ୍ରଦାନ କରାଯିବ। ଏହି ଜିଲ୍ଲାର ଛତ୍ରପୁରକୁ ଶ୍ରେଷ୍ଠ ବ୍ଲକ ପଞ୍ଚାୟତ ରୂପେ ନାନାଜି ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏହି ପୁରସ୍କାର ପ୍ରଦାନ ପ୍ରକ୍ରିୟା ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ସହିତ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆରଆଇ)/ଗ୍ରାମୀଣ ସ୍ଥାନୀୟ ସଂସ୍ଥା (ଆରଏଲବି) ମଧ୍ୟରେ ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଭାବନାକୁ ପ୍ରୋତ୍ସାହିତ କରିବ।

## କାହିଁକି ଖାଲିପଡ଼ିଛି ବିଡିଓ, ଏବିଡିଓ ପଦବୀ?



ଆସିକା, ୯ ।୧୨(ସମିସ): ଆସିକା ବ୍ଲକ୍‌ର ଦୀର୍ଘ ଦୁଇମାସରୁ ଅଧିକ ଦିନ ହେବ ସ୍ଥାୟୀ ବିଡିଓ ପଦ ଖାଲି ପଡ଼ିଥିବା ବେଳେ ବର୍ଷବର୍ଷ ଧରି ଏବିଡିଓ ପଦ ଖାଲିପଡ଼ିଛି। ବିଡିଓ ପଦରେ କବିସୂର୍ଯ୍ୟନଗର ବିଡିଓଙ୍କୁ ଆସିକା ବ୍ଲକ ଦାୟିତ୍ୱ ଦିଆଯାଇଛି। ଫଳରେ ବ୍ଲକରେ ଥିବା ୨୭ଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଆଗେଇପାରୁ ନାହିଁ। ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପିର ଡବଲ ଇଞ୍ଜିନ ସରକାର କେବଳ ଭାଷଣବାଜି ସହ ରଙ୍ଗ ବଦଳାଇବାରେ ବ୍ୟସ୍ତ ଥିବା ଲୋକେ କହୁଛନ୍ତି। ଦୀର୍ଘ ୨୪ବର୍ଷର ଶାସନ କାଳରେ ସବୁ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଲାଗି ରହିଥିବାବେଳେ କେବଳ ସରକାର ବଦଳିବା ପରେ ସବୁ ବିଭାଗ ବିଭିନ୍ନ ପଦ ପଦବୀ ଖାଲିପଡିଛି। ବିଜେଡି ସରକାରର ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ବର୍ତ୍ତମାନର ସରକାର ହିଂସା ପରାୟଣ ହୋଇ ସମସ୍ତ ଯୋଜନା ବନ୍ଦ କରିବାରେ ବ୍ୟସ୍ତ ବୋଲି କୁହାଯାଉଛି। ଏବେ ବୁଲା କୁକୁର ଜଗି ରହିଛି ଆସିକା ବ୍ଲକକୁ। ଏନେଇ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଖାଲି ପଡ଼ିଥିବା ବିଡ଼ିଓ ପଦବୀ ପୂରଣ ସହ ବର୍ଷ ବର୍ଷ ଧରି ଏବିଡ଼ିଓ ପଦ ପୂରଣ କରିବାକୁ ଦାବି ହୋଇଛି।

## ପ୍ରବାସୀ ଶ୍ରମିକଙ୍କୁ ରାସନ କାର୍ଡ ବାଣ୍ଟିଲେ ମନ୍ତ୍ରୀ

ବୁଗୁଡା, ୯ ।୧୨(ସମିସ): ବୁଗୁଡ଼ା ପିପୁଲ୍ଲି ହାଇସ୍କୁଲ ଷ୍ଟାଡିୟମରେ ପ୍ରବାସୀ ଶ୍ରମିକଙ୍କୁ ରାସନକାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୁଗୁଡ଼ା ବ୍ଲକର ୧୭ ୭ ୯ ପ୍ରବାସୀ ଶ୍ରମିକଙ୍କ ପରିବାରକୁ ନୂତନ ରାସନ କାର୍ଡ ବାଣ୍ଟିଛନ୍ତି ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ଓ ଏମଏସଏମଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ବୁଗୁଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବୁଗୁଡ଼ା ବ୍ଲକ ବିଡ଼ିଓ ଦାୟିତ୍ୱରେ ଥିବା ତହସିଲଦାର ତାପସ ରାଉତ, ବ୍ଲକ ଅଧକ୍ଷା କେ ପ୍ରିୟଦର୍ଶିନୀ ଆଚାରି, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନାଙ୍କ ସହ ସମସ୍ତ ପଞ୍ଚାୟତର ଜନ ପ୍ରତିନିଧି ଉପସ୍ଥିତ ଥିଲେ।



## ‘ହା କୃଷ୍ଣ ବୋଲି ଯାଉ ଜୀବ’ ମଞ୍ଚସ୍ଥ



ଦିଗପହଣ୍ଡି, ୯ ।୧୨(ସମିସ): ଦିଗପହଣ୍ଡି ବ୍ଲକ ବୋରିପଦର ଗ୍ରାମର କଳିଙ୍ଗ ଯୁବ ନାଟ୍ୟ ସଂସଦର ୩୩ ତମ ଅବଦାନ ଶ୍ରେଷ୍ଠ ସାମାଜିକ ନାଟକ "ହାଃ କୃଷ୍ଣ ବୋଲି ଯାଉ ଜୀବ’ ମଞ୍ଚସ୍ଥ ହୋଇଯାଇଛି। ନାଟ୍ୟ ସଂସଦର ପରାମର୍ଶଦାତା ଉମାକାନ୍ତ ସାହୁ ଓ ସ୍ଥାନୀୟ ସରପଞ୍ଚ ତଥା ଗଞ୍ଜାମ ଜିଲା ସରପଞ୍ଚ ସଂଘ ସଭାପତି ମନୋରଞ୍ଜନ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ସମାରୋହରେ ବିଧାୟକ ପ୍ରତିନିଧି ନଳିନି ବିଷୋୟୀ, ରାଜ୍ୟ ସରପଞ୍ଚ ମହାସଂଘ ସମ୍ପାଦକ ତପନ ଚକ୍ରବର୍ତ୍ତୀ, ଦକ୍ଷିଣାଞ୍ଚଳ ଜୋନ ସଭାପତି ଭବାନୀ ଶଙ୍କର ମଲ୍ଲିକ, ସାମାଜିକ କର୍ମୀ ଗୋପାଳ ମେକାପ, ଜ୍ଞାନରଞ୍ଜନ ପାଣିଗ୍ରାହୀ, ବ୍ଲକ ସରପଞ୍ଚ ସଂଘ ସଭାପତି ତଥା କରପଡା ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଗଡଗୋବିନ୍ଦପୁର ସରପଞ୍ଚ ରଞ୍ଜନ କୁମାର ସାହୁ, ଖମ୍ବାରୀ ଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ଗୋକର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ଫାସିଗୁଡା ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ପୂର୍ବତନ ସରପଞ୍ଚ ପିତାମ୍ବର ଗୌଡ଼, ସନ୍ତୋଷ ପାତ୍ର, ଗ୍ରାମ୍ୟ କମିଟି ସଭାପତି କେଶବ ଗୌଡ଼ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟ ସଂସଦ ସଭାପତି ନିରଞ୍ଜନ ପାଣିଗ୍ରାହୀ, ମ୍ୟାନେଜର ସିମାଞ୍ଚଳ ଗୌଡ଼ ଏବଂ ସଦସ୍ୟ ବୃନ୍ଦ ଉପସ୍ଥିତ ଅତିଥି ମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ। ଏପରିକି ମଞ୍ଚରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ୫୦ରୁ ଉର୍ଦ୍ଧ୍ୱ ସରପଞ୍ଚ ଉପସ୍ଥିତ ଥିଲେ। ଶ୍ୱେତ ବସନ୍ତ ଗୌଡ଼ ମଞ୍ଚ ପରିଚାଳନା କରିଥିବାବେଳେ ନାଟକର ନିର୍ଦ୍ଦେଶକ ସୁଶାନ୍ତ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଗ୍ରାମର ବହୁ କଳାକାର ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବୋରିପଦର ଗ୍ରାମବାସୀ ସହଯୋଗ କରିଥିଲେ।

### ଦୁଇ ଗଞ୍ଜେଇ ମାଫିଆଙ୍କୁ ୧୦ ବର୍ଷ ଜେଲ୍

ଆସିକା, ୯ ।୧୨(ସମିସ): ୨୦୨୨ରେ କନ୍ଧମାଳରୁ ବ୍ରହ୍ମପୁର ଅଭିମୁଖେ ବାଇକରେ କୋଡିଏ କେଜି ଶହେ ଗଞ୍ଜେଇ ବସ୍ତା ଧରି ଯାଉଥିବା ବେଳେ ବ୍ରହ୍ମପୁର ଅବକାରୀ ସ୍କ୍ୱାର୍ଡର ପାଟ୍ରୋଲିଂବେଳେ ଆସିକା କାଳଷଣ୍ଡପୁରରେ ଚଢ଼ଉ ଦୁଇ ଗଞ୍ଜେଇ ମାଫିଆକୁ ଗିରଫ ପରେ ଜାମିନରେ ଆସିଥିଲେ। ଦୁଇ ଗଞ୍ଜେଇ ମାଫିଆ ହେଲେ କନ୍ଧମାଳ ଅଞ୍ଚଳର ସଞ୍ଜୟ ଯାନୀ ଓ ଚକା ପାଦ ଅଞ୍ଚଳର ପ୍ରଦୀପ କହଁରଙ୍କ ସୋମବାର ଦିନ ରାୟ ପ୍ରକାଶ ପାଇଛି। ଦୁଇ ଜଣ ଗଞ୍ଜେଇ ମାଫିଆଙ୍କୁ ତିନି ଜଣ ସାକ୍ଷୀ ଏବଂ ଏକ୍ସ ସାଇଜ ଏଏସଆଇ ପ୍ରୀତିଧର ନାୟକ ତଦନ୍ତକାରି ଅଧିକାରୀଙ୍କ ବୟାନକୁ ଆଧାର କରି ଦଶ ବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ଲକ୍ଷ୍ୟ ଟଙ୍କା ଜରିମାନା ସହ ଅଧିକ ଛଅ ମାସରେ ଦଣ୍ଡିତ କଲେ ଆସିକା ଅତିରିକ୍ତ ଜିଲ୍ଲା ଦୌରା ଜଜ ପ୍ରବୀର କୁମାର ଚୌଧୁରୀ। ସରକାରଙ୍କ ପକ୍ଷରୁ କେଶ ପରିଚାଳନା କରୁଥିଲେ ସୂର୍ଯ୍ୟ ପ୍ରକାଶ ରାଓ।

### ବିଦ୍ୟା ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା




ଗଞ୍ଜାମ, ୯ ।୧୨(ସମିସ): ସ୍ଥାନୀୟ ବିଦ୍ୟା ପବ୍ଲିକ ସ୍କୁଲର ଅଧକ୍ଷା ଜ୍ୟୋସ୍ନାରାଣୀ ପଣ୍ଡାଙ୍କ ପୌରହିତ୍ୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଏସଜିସି ମୁଖ୍ୟ ଶଶି ଭୂଷଣ ମହାନ୍ତି ଯୋଗଦେଇ ଶିଶୁଙ୍କୁ ଦେଶ ପାଇଁ ବିଜ୍ଞାନର ଆବଶ୍ୟକତା ବିଷୟରେ ସୁନ୍ଦର ଭାବରେ ବୁଝାଇଥିଲେ। ବିଜ୍ଞାନ ମେଳାର ଉଦଯାପିତ ଦିବସରେ ମୁଖ୍ୟ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟବେହେରା ଯୋଗଦେଇ ଛାତ୍ରଛାତ୍ରୀ କିପରି ଭବିଷ୍ୟତରେ ବଡ ବୈଜ୍ଞାନିକ ହୋଇ ଦେଶର ଗୌରବ ରକ୍ଷା କରିବେ ସେନେଇ କହିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ୩୧ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପର୍ଯ୍ୟବେକ୍ଷକ ରୂପେ ସୁବଳୟା ମହାବିଦ୍ୟାଳୟର ଅଧ୍ୟାପିକା ଅନିତା ମିଶ୍ର, ହୁମ୍ମା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ପଣ୍ଡା, ସୁଶ୍ରୀ ଡି.ଦେବ୍ୟାନି ରେଡ୍ଡୀ, ଖଲ୍ଲିକୋଟ ଉଦ୍ୟାନ ବିଭାଗର ପର୍ଯ୍ୟବେକ୍ଷକ ଏ. ନଗରାଜ୍ ରେଡ୍ଡୀ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସମାଜସେବୀ ଅଳକା ସାହୁ ଯୋଗ ଦେଇଥିଲେ। ଗୁରୁମା ରଶ୍ମିତା ସ୍ୱାଇଁ, ରଶ୍ମିତା ସାହୁ, ମିତା ଜେନା, ସଞ୍ଜନା ଆଚାର୍ଯ୍ୟ, ସରିତା ଯାଦବ, ପଲ୍ଲବୀ ପଣ୍ଡା, ନମିତା, ପ୍ରଣତି ଦାସ ପ୍ରମୁଖ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ ପରିଚାଳନା ଦାୟିତ୍ୱରେ ଥିଲେ। ବିନୋଦ ଚନ୍ଦ୍ର ପଲେଇ ଓ ପ୍ରଭାତ ମହାରଣା ଗୁରୁଜୀ ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

### ୟୁରୋ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ




ଛତ୍ରପୁର, ୯ ।୧୨(ସମିସ): ଛତ୍ରପୁରସ୍ଥିତ ୟୁରୋ ସ୍କୁଲ ପକ୍ଷରୁ ୩ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ପ୍ରିନ୍ସପାଲ ତପସ୍ୱିନୀ ସାହୁ ଓ କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ଗୌଡ଼ଙ୍କ ସଂଯୋଜନାରେ ଅନୁଷ୍ଠିତ କ୍ରୀଡାରେ ନର୍ସରୀ ଠାରୁ ଆରମ୍ଭ କରି ୧୦ମଶ୍ରେଣୀ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ନିଜ ନିଜ କ୍ରୀଡା ପ୍ରଦର୍ଶନ କରିଥିଲେ। ଉଦଯାପନୀ ଦିବସରେ ସ୍କୁଲର ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର ଏବଂ ଏକାଡେମୀ ଡାଇରେକ୍ଟର ପ୍ରମୋଦ କୁମାର ମିଶ୍ର ଯୋଗ ଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରୀଡା ଉତ୍ସବରେ ୬ଜଣ କ୍ରୀଡ଼ାବିତ ଚାମ୍ପିଅନ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକଙ୍କ ସମେତ ବହୁ ଶିକ୍ଷକ /ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

### ଫେବୃଆରୀ ୫ରୁ ବୁଦ୍ଧଖୋଲ ମହୋତ୍ସବ

ବୁଗୁଡା, ୯ ।୧୨(ସମିସ): ସ୍ଥାନୀୟ ଐତିହାସିକ ଶୈବପୀଠ ବୁଦ୍ଧଖୋଲ ପାଦଦେଶସ୍ଥ ଜନ ସୁବିଧା କେନ୍ଦ୍ରରେ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ସଭାପତି ତଥା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପୌରହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୁଦ୍ଧଖୋଲ ଉନ୍ନୟନ ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ଦାଶଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟଗଣ ଉପସ୍ଥିତ ରହିଥିଲେ। ଏହି ଅବସରରେ ଆସନ୍ତା ବର୍ଷ ଫେବୃୟାରୀ ମାସ ୫, ୬ ଓ ୭ ତାରିଖ ତିନିଦିନ ଧରି ବୁଦ୍ଧଖୋଲ ମହୋତ୍ସବ-୨୦୨୫ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମହୋତ୍ସବ ବିଷୟରେ ଆଲୋଚନା ସହ ପରବର୍ତ୍ତୀ ବୈଠକରେ ଉକ୍ତ ତ୍ରିଦିବସୀୟ ବୁଦ୍ଧଖୋଲ ମହୋତ୍ସବର ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ କରାଯିବ ବୋଲି ସ୍ଥିର କରାଯାଇଥିଲା।



### ୟୁବି ହାଇସ୍କୁଲ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ତାଲିମ୍



ଭଞ୍ଜନଗର, ୯ ।୧୨(ସମିସ): ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ଏନ୍‌ସିସି ଆର୍ମୀ କ୍ୟାଡେଟଙ୍କୁ ଆଗାମୀ ଦିନରେ ହେବାକୁ ଥିବା ଏ' ସାର୍ଟିଫିକେଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି ୨ୟ ଓଡ଼ିଶା ବାଟାଲିୟନ ଏନସିସି, ବ୍ରହ୍ମପୁର ୟୁନିଟ ତରଫରୁ ପିଆଇ ଷ୍ଟାଫ୍ ଦ୍ୱାରା ତାଲିମ୍ ଦିଆଯାଇଛି। ବିଦ୍ୟାଳୟର ଏନସିସି (ଆର୍ମୀ ୱିଙ୍ଗ) ସେକେଣ୍ଡ ଅଫିସର୍ ଶ୍ୟାମା ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ୍ କର୍ମଶାଳାରେ ୨ୟ ଓଡ଼ିଶା ବାଟାଲିୟନ ଏନସିସି ଦ୍ୱାରା ପ୍ରେରିତ ପିଆଇ ଷ୍ଟାଫ୍ (ଭାରତୀୟ ସ୍ଥଳ ସେନାର) ସୁବେଦାର୍ ବିସନ୍ ସିଂ ଗୁରୁଙ୍ଗ୍ ଉପସ୍ଥିତ ହୋଇଥିଲେ। ଉଭୟ ପ୍ରଶିକ୍ଷକ ଏବଂ ଏଏନ୍‌ଓ ଶ୍ରୀ ମିଶ୍ର ଏହି କ୍ୟାଡେଟମାନଙ୍କୁ ଡ୍ରିଲ୍ ପ୍ୟାରେଡ, ୱିପନ୍ ଟ୍ରେନିଂ ଏବଂ ଅନ୍ୟାନ୍ୟ କେତେକ ଏନସିସି ସମ୍ବନ୍ଧୀୟ ତାଲିମ୍ ପ୍ରଦାନ କରିଥିଲେ। ପିଆଇ ଷ୍ଟାଫ୍ ଶ୍ରୀ ଗୁରୁଙ୍ଗ୍ ବିଭିନ୍ନ ଡ୍ରିଲ୍ ଅବସ୍ଥାନ ସମୂହର ପ୍ରଦର୍ଶନମୂଳକ ଅଭ୍ୟାସ କରାଇଥିଲେ। ଏଥିରେ ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷର କ୍ୟାଡେଟ ଭାଗନେଇଥିଲେ। ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନାୟକ୨ ଓଡ଼ିଶା ବାଟାଲିୟନ ଏନସିସିର କମାଣ୍ଡିଙ୍ଗ୍ ଅଫିସର୍ ଓ ଆଡମିନିଷ୍ଟ୍ରେଟିଭ୍ ଅଫିସରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

### ଶିକ୍ଷକ ଛଟେଇ ପରେ ଅଚଳାବସ୍ଥା

# କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀ

**ଶେରଗଡ଼, ୯ ।୧୨(ସମିସ):** ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟଶିକ୍ଷା ପ୍ରଦାନ କରିବା ଲାଗି ତତ୍କାଳୀନ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ସ୍ମାର୍ଟ କ୍ଲାସ ରୁମ ପ୍ରତିଷ୍ଠା କରିଥିଲେ। ସ୍ମାର୍ଟ ଶିକ୍ଷାକୁ ଅଗ୍ରାଧିକାର ଦେବା ଲାଗି ୫-ଟି ଯୋଜନାରେ ବିଭିନ୍ନ ସ୍କୁଲରେ କମ୍ପ୍ୟୁଟର ଲାଗିଲା। ହେଲେ ଶେରଗଡ ବ୍ଲକରେ ଏହି ଯୋଜନା ପ୍ରହସନ ପାଲଟିଛି। କାରଣ, ଏହି ବ୍ଲକର କୌଣସି ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନାହାନ୍ତି। କମ୍ପ୍ୟୁଟର ଶିକ୍ଷକ ଛଟେଇ ହେବା ପରେ ଦୀର୍ଘ ୬ ବର୍ଷ ହେଲା ଖତ ଖାଉଛି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର। ଫଳରେ ଛାତ୍ରଛାତ୍ରୀ ମାନେ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ରାଷ୍ଟ୍ରୀୟ ଶିକ୍ଷା କାର୍ଯ୍ୟକ୍ରମରେ ଶେରଗଡ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା। ହେଲେ କମ୍ପ୍ୟୁଟର ଶିକ୍ଷକଙ୍କୁ ସରକାର ପ୍ରାୟ ୬ ବର୍ଷ ତଳେ ଛଟେଇ କରିଦେଇଥିଲେ। ଫଳରେ ବ୍ଲକ ଅନ୍ତର୍ଗତ ୨୭ଟି ଉଚ୍ଚ ବିଦ୍ୟାଳୟରେ ୬ ବର୍ଷ ହେଲା ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଖତ ଖାଉଥିବା ବେଳେ ଛାତ୍ରଛାତ୍ରୀ ମାନେ କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶେରଗଡ ବ୍ଲକରେ ୨୦୧୪ରେ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ, କରଡାକଣା ଉଚ୍ଚ ବିଦ୍ୟାଳୟ, କୁରୁଳା ଉଚ୍ଚ ବିଦ୍ୟାଳୟ, ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ, ପିତ୍ତଳ ଉଚ୍ଚ ବିଦ୍ୟାଳୟ, ବ୍ରାହ୍ମଣଛାଇ ଉଚ୍ଚ ବିଦ୍ୟାଳୟ, ଗୋଠଗାଁ ଉଚ୍ଚ ବିଦ୍ୟାଳୟ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ଆରମ୍ଭ ହୋଇଥିଲା। ଏଥିପାଇଁ ଆଇସିଟି ସ୍କୁଲ କୋର୍ଡିନେଟର ବା କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ହେଲେ ଏହି ଶିକ୍ଷକଙ୍କୁ ୨୦୧୯ ଜାନୁଆରୀ ମାସରେ ଛଟେଇ କରିଦିଆଗଲା। ଆଜି ପର୍ଯ୍ୟନ୍ତ ଉକ୍ତ ଶିକ୍ଷକ ମାନଙ୍କୁ କିମ୍ବା ତାଙ୍କ ବଦଳରେ ଅନ୍ୟ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନି।୨୦୨୦-୨୧ ମସିହାରେ ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନାରେ ବ୍ଲକର ସମସ୍ତ ୨୭ଟି ଉଚ୍ଚ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ରୁମ ବ୍ୟବସ୍ଥା କରାଗଲା। ହେଲେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ହୋଇନଥିବାରୁ ସ୍ମାର୍ଟ କ୍ଲାସ କୌଣସି କାର୍ଯ୍ୟରେ ଲାଗୁନି। ସେହିପରି ସ୍କୁଲର ବିଭିନ୍ନ କାର୍ଯ୍ୟ, ଫର୍ମ ଫିଲପ, ମଧ୍ୟାହ୍ନ ଭୋଜନ ତଥ୍ୟ, ଛାତ୍ରଛାତ୍ରୀଙ୍କ ତଥ୍ୟ, ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରୁନି। ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି।

### ପ୍ରହସନ ପାଲଟିଛି ସ୍ମାର୍ଟସ୍କୁଲ ଶିକ୍ଷା



# 'ନୂଆବର୍ଷ' ପାଇଁ ପୁଲିସ ସଜାଗ

- ଅପରାଧୀଙ୍କ ଉପରେ ପୁଲିସର ତୀକ୍ଷ୍ଣ ନଜର
- ରେଶମ ସହରର ବିଭିନ୍ନ ଛକରେ ନାକାବନ୍ଦୀ

ବ୍ରହ୍ମପୁର, ୯ ।୧୨(ସମିସ): ନୂଆବର୍ଷକୁ ମାତ୍ର ଆଉ ୨୨ଦିନର ଅପେକ୍ଷା । ନୂଆବର୍ଷ ପୂର୍ବରୁ ସହରର ଏବେଠାରୁ ସୋସିଆଲ ମିଡିଆରେ ଯୁବ ଗୋଷ୍ଠୀଙ୍କ ମଧ୍ୟରେ କ୍ରେଜ୍ ଦେଖିବାକୁ ମିଳିଛି । ନୂଆବର୍ଷ ଯେପରି ଶାନ୍ତି ଶୃଙ୍ଖଳାରେ ପାଳନ ହେବ ସେ ଉପରେ ପୁଲିସ ନଜର ରଖିବ । ପୁରୁଣା ବର୍ଷ ଶେଷ ଓ ନୂଆ ବର୍ଷ ଆରମ୍ଭ ପୂର୍ବରୁ ପୁରୁଣା ଅପରାଧୀ ଗୋଷ୍ଠୀଙ୍କ ମଧ୍ୟରେ କିଛି ନୂଆ ଯୋଜନା ରହିଥାଏ । ଏହି ଯୋଜନା ଅନୁସାରେ ସେମାନେ ସଂଗଠିତ ହେବା ସହ ନୂତନ ଅପରାଧ କରିବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇଥାନ୍ତି । ବ୍ରହ୍ମପୁର ସହରରେ ପୁରୁଣା ବର୍ଷର ଶେଷଦିନ ଓ ନୂଆ ବର୍ଷର ପ୍ରଥମ ଦିନରେ ଅନେକ ଅପରାଧ ଓ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟିଛି । ୨୦୨୦ ଜାନୁଆରୀ ୧ ତାରିଖ ଚିକେନ୍ ରବିଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ବେଳେ ୨୦୦୪ ଡିସେମ୍ବର ୩୧ରେ ତତ୍କାଳୀନ ଖଲ୍ଲିକୋଟ କଲେଜ ସଭାପତି ସୁରେନ୍ଦ୍ର ମହାରଣାଙ୍କୁ ବିଜିପୁର ଅଞ୍ଚଳରେ ହତ୍ୟା ଉଦ୍ୟମ ହୋଇଥିଲା । ୨୦୧୩ ଜାନୁଆରୀରେ ଶାନ୍ତି ମିଶ୍ରଙ୍କୁ ତାଙ୍କ ବିପକ୍ଷ ଗୋଷ୍ଠୀର ଯୁବକମାନେ ହତ୍ୟା କରିଥିଲେ । ତେଣୁ ଡିସେମ୍ବର ଶେଷ ଓ ଜାନୁଆରୀ ମାସରେ ଅପରାଧୀଙ୍କ ଗତିବିଧି ଅଧିକ ବଢ଼ିଥାଏ । ଏହି ଦୃଷ୍ଟିରୁ ବ୍ରହ୍ମପୁର ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରିବା ସହ ଅପରାଧୀମାନଙ୍କ ଉପରେ ତୀକ୍ଷଣ ନଜର ରଖିବ ବୋଲି ଜଣାପଡ଼ିଛି । ସେହିପରି ଦୁଇଦିନ ହେଲା ସହରରେ ବ୍ଲକିଂ ଚେକିଂ ଜୋରଦାର କରିଛି ବ୍ରହ୍ମପୁର ପୁଲିସ । ସହରର କମାପଲ୍ଲୀ, ମେଡ଼ିକାଲ ଛକ, ଖଲ୍ଲିକୋଟ କଲେଜ ଛକ, ରୁକ୍ମଣୀ ହଲ ଛକ, ହରିଡ଼ାଖଣ୍ଡି ଓ ଫାଷ୍ଟ ଗେଟ ଛକ , ଗେଟ ବଜାର ଛକ, ଅନ୍ଧ ପସରା ରୋଡ଼ ସମେତ ବିଭିନ୍ନ ଛକରେ ରାତି ପୁଲିସ ପକ୍ଷରୁ ନାକାବନ୍ଦୀ କରାଯାଉଛି ।

# ସରକାରୀ ଚାକିରି ନାଁରେ ଠକେଇ; ୩ ଗିରଫ

ବ୍ରହ୍ମପୁର, ୯ ।୧୨(ସମିସ)

ସରକାରୀ ଚାକିରି କରାଇଦେବା ନାଁରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଯୁବକ ଯୁବତୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ୩ଜଣିଆ ଠକ ଗ୍ୟାଙ୍ଗକୁ ବଡବଜାର ଥାନା ପୁଲିସ ଗିରଫ କରିଛି । ଗିରଫ ଠକମାନେ ହେଲେ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଛତ୍ରପୁର ନିକଟ ରାଜପୁରର ପ୍ରଦ୍ୟୁମ୍ନ ପଲାଇ(୩୩), ବ୍ରହ୍ମପୁର ମେଡିକାଲ ବ୍ୟାଙ୍କ କଲୋନୀ ୩ୟ ଲାଇନର ଆଶିଷ ମହାପାତ୍ର(୩୩) ଓ ଜଗତସିଂହପୁର ଅଠରବାଙ୍କିର ମିହିର ରାଉତ(୩୦) । ଏହି ୩ଜଣ ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର ବେକାର ଯୁବକ ଯୁବତୀଙ୍କୁ ରେଳବିଭାଗ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି କରାଇଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଥିଲେ । ଯୁବକ ଯୁବତୀଙ୍କ ଠାରୁ ଓରିଜିନାଲ ସାର୍ଟିଫିକେଟକୁ ନେଇ ଯାଉଥିଲେ । ଟଙ୍କା ନେବା ପରେ କୋର୍ଟ ପେପରରେ ଏଗ୍ରିମେଣ୍ଟ ମଧ୍ୟ କରିବାକୁ ପଛାଉନଥିଲେ । ଚୁକ୍ତିନାମା ସ୍ୱାକ୍ଷର ହେବାର କିଛିଦିନ ପରେ ନକଲି ନିଯୁକ୍ତିପତ୍ର ଦେଇ ଚାକିରି ଆଶାୟୀଙ୍କ ଠାରୁ ଟଙ୍କା ଠକେଇ କରୁଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡିଛି । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୫ଜଣ ଯୁବକ/ଯୁବତୀଙ୍କ ମାଟ୍ରିକ, ଯୁକ୍ତ୨ ସହ ଅନ୍ୟାନ୍ୟ ଡିଗ୍ରୀର ଓରିଜିନାଲ ସାର୍ଟିଫିକେଟ ଜବତ କରିବା ସହ ଏକ ଟଙ୍କା ଗଣିବା ମେସିନ, ଲାପଟପ, ମୋବାଇଲ, କାର,



**ଓରିଜିନାଲ ସାର୍ଟିଫିକେଟ୍ ଓ ଟଙ୍କାଗଣା ମେସିନ ଜବତ**

ସ୍କୁଟି, ୩ଟି କୋର୍ଟ ପେପର ଏଗ୍ରିମେଣ୍ଟ, ରେଳବିଭାଗ ଟିଟିସି ପଦବୀର ଏକ ନକଲି ନିଯୁକ୍ତିପତ୍ର ଜବତ କରାଯାଇଥିବା ଥାନା ଅଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି । ବ୍ରହ୍ମପୁର ଏସପିଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ, ପୁରୁଣା ବ୍ରହ୍ମପୁର ପଞ୍ଚାନନ ନଗରର ଯୁବକ ଗିରିଜା ନନ୍ଦନ ପଣ୍ଡିତ(୩୧) ୨୦୧୯ ମସିହାରେ ଚାକିରି ସନ୍ଧାନରେ ଥିଲେ । ଏହି ସମୟରେ ବ୍ୟାଙ୍କ କଲୋନୀର ଆଶିଷ ମହାପାତ୍ର ତାଙ୍କ ସହ ଯୋଗାଯୋଗ କରିବା ସହ ସରକାରୀ ଚାକିରି କରାଇଦେବେ ବୋଲି ଗିରିଜାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ୫ଲକ୍ଷ ଟଙ୍କା ଦେଲେ ୬ମାସ ମଧ୍ୟରେ ସରକାରୀ ଚାକିରି କରାଇଦେବେ ବୋଲି କଥା ଦେଇଥିଲେ । ଏପରିକି ଟଙ୍କା ନେବା ପରେ ସେ କୋର୍ଟ ପେପରରେ ଏଗ୍ରିମେଣ୍ଟ କରିବେ ବୋଲି ମଧ୍ୟ କହିଥିଲେ । ଆଶିଷଙ୍କ କଥାରେ ବିଶ୍ୱାସ କରି ଗିରିଜା ତାଙ୍କୁ ଅଗ୍ରୀମ ୫ଲକ୍ଷ ଟଙ୍କା ଦେଇଥିଲେ । ପରେ ଗିରିଜାଙ୍କୁ ଭୁବନେଶ୍ୱର ଡାକି ସେଠାରେ ଅଭିଯୁକ୍ତ ମିହିର ଓ ପ୍ରଦ୍ୟୁମ୍ନଙ୍କ ସହ ସାକ୍ଷାତ କରାଇବା ସହ ଖୁବଶୀଘ୍ର ନିଯୁକ୍ତି ପତ୍ର ମିଳିଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ୬ମାସ ବିତିବା ପରେ ଗିରିଜାଙ୍କୁ କୌଣସି ସରକାରୀ ଚାକିରି ମିଳିନଥିଲା । ସେ ଉପରୋକ୍ତ ୩ଅଭିଯୁକ୍ତଙ୍କୁ ଚାକିରି ବିଷୟରେ ପଚାରିବା ବେଳେ ସେମାନେ ତାଙ୍କୁ ବାରମ୍ବାର ଭୁବନେଶ୍ୱର ଡାକି ମିଥ୍ୟା ପ୍ରତିଶ୍ରୁତି ଦେଉଥିଲେ । ତେବେ ୪ବର୍ଷ ପରେ ମଧ୍ୟ ତାଙ୍କୁ ଚାକିରି ନମିଳିବାରୁ ଶେଷରେ ଗିରିଜା ବଡବଜାର ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ କେସ ନଂ ୪୨୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିଲା । ଗିରଫ ଅଭିଯୁକ୍ତମାନେ ବେକାର ଯୁବକଯୁବତୀଙ୍କ ଠାରୁ ଆଦାୟ ଟଙ୍କାରେ ବିଳାସମୟ ଜୀବନଯାପନ କରୁଥିଲେ । ତେବେ ଅଭିଯୁକ୍ତମାନେ ରାଜ୍ୟର କେଉଁକେଉଁ ଜିଲ୍ଲାରୁ କେତେ ଟଙ୍କା ସଂଗ୍ରହ କରିଛନ୍ତି ସେନେଇ ତଦନ୍ତ ଜାରି ରହିଛି ବୋଲି ବ୍ରହ୍ମପୁର ଏସପି କହିଛନ୍ତି ।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଟିପିଏସ୍ଓଡିଏଲର ବ୍ୟାପକ ପ୍ରୟାସ

ବ୍ରହ୍ମପୁର, ୯ ।୧୨(ସମିସ): ବିଦ୍ୟୁତ ତାର ବିଛାଇବା ଯୋଗୁଁ ହେଉଥିବା ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇଛି । ଟିପିଏସ୍ଓଡିଏଲ୍ ପରିସରଭୁକ୍ତ ୮ଟି ଜିଲ୍ଲାରେ ଏହି ପଦକ୍ଷେପ ଆରମ୍ଭ ହୋଇଛି । ବିଦ୍ୟୁତ ଜନିତ ଆଘାତରୁ ବନ୍ୟପ୍ରାଣୀଙ୍କୁ ରକ୍ଷା କରିବା ଏବଂ ଜୈବ ବିବିଧତାକୁ ସୁରକ୍ଷା ପ୍ରଦାନ କରିବା ହେଉଛି କମ୍ପାନୀର ଉଦ୍ଦେଶ୍ୟ । ବନ ବିଭାଗ ଏବଂ ସ୍ଥାନୀୟ ଆଇନ ପ୍ରବର୍ତ୍ତନ ଏଜେନ୍ସିଙ୍କ ମିଳିତ ସହଯୋଗରେ ଟିପିଏସ୍ଓଡିଏଲ୍ ସମ୍ବେଦନଶୀଳ ସ୍ଥାନଗୁଡିକୁ ଚିହ୍ନଟ କରିବା ସହ ସର୍ଭିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିଛି । ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ବିପଦପୂର୍ଣ୍ଣ ଅଞ୍ଚଳରେ ନଜର ରଖିବା ସହ ପଶୁ ଶିକାର ପାଇଁ ବିଦ୍ୟୁତ ତାର ବିଛାଇବାକୁ ରୋକିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି ।




ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଜଙ୍ଗଲ ଏବଂ ବନ୍ୟପ୍ରାଣୀ ଆମର ଅମୂଲ୍ୟ ସମ୍ପଦ । ଏମାନଙ୍କ ସୁରକ୍ଷା ଆମର ଦାୟିତ୍ୱ । ବନ୍ୟପ୍ରାଣୀ ଶିକାର ପାଇଁ ବିଦ୍ୟୁତ ତାରର ଅବୈଧ ବ୍ୟବହାର କରିବା ଦ୍ୱାରା ଆମର ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହୋଇଛି । ଦୃଢ଼ ପଦକ୍ଷେପ ଏବଂ ଗୋଷ୍ଠୀ ଭାଗିଦାରୀ ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ଟିପିଏସ୍ଓଡିଏଲ୍ ପ୍ରତିଶ୍ରୁତିବଦ୍ଧ । ଏଥିରେ ବିବିଧ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଛି । ଅନଧିକୃତ ବିଦ୍ୟୁତ ସଂଯୋଗକୁ ଚିହ୍ନଟ କରିବା ଓ ତୁରନ୍ତ ରିପୋର୍ଟ କରିବା ପାଇଁ ଲାଇନମ୍ୟାକନ ଏବଂ ଫିଲ୍ଡ ଷ୍ଟାଫଙ୍କୁ ତାଲିମ ପ୍ରଦାନ ପଶୁ ଶିକାରର କୁପରିଣାମ ଏବଂ ଜୈବ ବିବିଧତା ସଂରକ୍ଷଣର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି । ଏଥିସହିତ ଗୋଷ୍ଠୀ କର୍ମଶାଳା ଆୟୋଜନ ବନ୍ୟପ୍ରାଣୀ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିବା ପାଇଁ ପଥପ୍ରାନ୍ତ ନାଟକ ଆୟୋଜନ ମଣିଷ ଏବଂ ବନ୍ୟପ୍ରାଣୀଙ୍କ ସହାବସ୍ଥାନ ପାଇଁ ଏକ ସଷ୍ଟେନେବଲ୍ ଇକୋସିଷ୍ଟମ୍ ନିର୍ମାଣ ଉପରେ ଟିପିଏସ୍ଓଡିଏଲ୍ ଗୁରୁତ୍ୱ ଦେଇଆସିଛି । ଏହି ସଚେତନତା ଅଭିଯାନ ଜରିଆରେ ଦକ୍ଷିଣ ଓଡ଼ିଶାର ସମୃଦ୍ଧ ପ୍ରାକୃତିକ ସମ୍ପଦ ଏବଂ ଜୈବ ବିବିଧତାର ସଂରକ୍ଷଣ କରିବା ଦିଗରେ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ ରହିଛି ।

**ବିଇଏମ୍ସିରେ ସହରତଳି ଅଞ୍ଚଳ ମିଶ୍ରଣ ପ୍ରସଙ୍ଗ**

# ମନ୍ତ୍ରୀଙ୍କ ବିବୃତି ବିଭ୍ରାନ୍ତିକର: ମିଳିତ କ୍ରିୟାନୁଷ୍ଠାନ କମିଟି

ବ୍ରହ୍ମପୁର, ୯ ।୧୨(ସମିସ)



ବ୍ରହ୍ମପୁର ମହାନଗର ନିଗମରେ ସହର ତଳି ବା ଉପକଣ୍ଠର କେତେକ ଗ୍ରାମକୁ ସାମିଲ କରିବା ନେଇ ଦିର୍ଘ ବର୍ଷ ଧରି ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ଜାରି ରଖିଛି । ଏହି ପ୍ରସଙ୍ଗରେ ଚଳିତ ବିଧାନସଭା ଅଧିବେଶନରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଗତ ୩ ତାରିଖରେ ଗୃହରେ ପ୍ରଶ୍ନ ଉଠାଇଥିଲେ । ଏହି ପ୍ରସଙ୍ଗରେ ରାଜ୍ୟ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ସେନେଇ ପ୍ରଶ୍ନ କରି ବିଭାଗୀୟ ମନ୍ତ୍ରୀଙ୍କ ଠାରୁ ସ୍ପଷ୍ଟ ଉତ୍ତର ଚାହିଁଥିଲେ । ତେବେ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୃହରେ ଯେଉଁଭଳି ଉତ୍ତର ରଖିଥିଲେ ତାହା ଦୁର୍ଭାଗ୍ୟଜନକ ଓ ବିଭ୍ରାନ୍ତିକର ବୋଲି ଅଭିଯୋଗ କରିଛି ବ୍ରହ୍ମପୁର ସହରତଳି ଅଞ୍ଚଳ କ୍ରିୟାନୁଷ୍ଠାନ କମିଟି । କେତେକ ସ୍ଥାନରେ ଗ୍ରାମାଞ୍ଚଳରୁ ଲୋକଙ୍କ ସହମତି ନଥିବା ଯୋଗୁଁ ଏଥିରେ ବିଳମ୍ବ ହେଉଥିବା ଭଳି ମନ୍ତବ୍ୟକୁ କମିଟି ସଦସ୍ୟମାନେ ନାପସନ୍ଦ କରିଛନ୍ତି । ସେହିଭଳି ରାଜ୍ୟର ସମ୍ବଲପୁର ମହାନଗର ନିଗମରେ ବୁର୍ଲା ଓ ହୀରାକୁଦ ଭଳି ଅଞ୍ଚଳକୁ ସମିଶ୍ରଣ କରାଯାଇଥିବା ବେଳେ ବ୍ରହ୍ମପୁର କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦୋମୁହାଁ ନିତିକୁ କମିଟି ସଦସ୍ୟମାନେ ନିନ୍ଦା କରିଛନ୍ତି । ୧୯୮୪ମସିହା ପରଠାରୁ ବ୍ରହ୍ମପୁର ମହାନଗରର ପରିସୀମା ବୃଦ୍ଧି ହୋଇନାହିଁ । ଏଥିରେ ୧୮ଟି ପଞ୍ଚାୟତକୁ ମିଶ୍ରଣ କରାଗଲେ ସହରର କ୍ଷେତ୍ରଫଳ ଅନ୍ୟୁନ ୩ଶହ ବର୍ଗ କିଲୋମିଟର ହେବ ଏବଂ ଜନସଂଖ୍ୟା ୯ ଲକ୍ଷକୁ ଟପିବ ବୋଲି କମିଟି ଦାବି କରିଛି । ଏହା ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟରୁ ମହାନଗର ନିଗମକୁ ପ୍ରଚୁର ଆର୍ଥିକ ଅନୁଦାନ ଆସିବା ସହିତ ନିଗମର କଳେବର ବୃଦ୍ଧି ହୋଇପାରିବ । ତେବେ ବ୍ରହ୍ମପୁର ସହର ପ୍ରତି ରାଜ୍ୟ ସରକାରଙ୍କ ପାତରଅନ୍ତର ନିତି ଏଥିରେ ବାଧକ ସାଜିଥିବା କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି । ଏକ୍ଷେତ୍ରରେ ଜିଲ୍ଲାର ବିଧାୟକ, ମନ୍ତ୍ରୀ ଓ ସାଂସଦମାନଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛି କମିଟି । ସରକାର ତୁରନ୍ତ ଏହି ଦାବି ଉପରେ ସକରାତ୍ମକ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କମିଟି ପକ୍ଷରୁ ସଭାପତି ସଂଜୀବ କୁମାର ପଟ୍ଟନାୟକ ଚେତାବନୀ ଦେଇଛନ୍ତି । ଏହି ଅବସରରେ କମିଟିର ବହୁ ପୁରୁଖା ତଥା ସକ୍ରୀୟ ସଦସ୍ୟ ଉପସ୍ଥିତ ଥିଲେ ।

> ପୃଥକ ପୃଥକ ମହାନଗର ନିଗମରେ କାର୍ଯ୍ୟକାରୀ ହେଉଛି ଭିନ୍ନଭିନ୍ନ ନୀତିନିୟମ
>
> ଦାବିପୂରଣ ନେଇ ସକାରାତ୍ମକ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ଜୋର୍‌ଦାର ହେବ
>
> ବ୍ରହ୍ମପୁର ପ୍ରତି ରାଜ୍ୟ ସରକାରଙ୍କ ପାତରଅନ୍ତର ନୀତିକୁ ବରଦାସ୍ତ କରାଯିବନି

**ଦୁଇ ବ୍ୟବସାୟୀଙ୍କ ଠାରୁ ୨୮ ଲକ୍ଷ ଠକେଇ ଘଟଣା**

# ବର୍ଷେ ହେଲା ପୁଲିସକୁ ଚକ୍‌ମା ଦେଇ ୩ ବିହାରୀ ଫେରାର

ବ୍ରହ୍ମପୁର, ୯ ।୧୨(ସମିସ): ଲୋଭନୀୟ ସ୍କିମ ଆଳରେ ବ୍ରହ୍ମପୁର ସହରର ଦୁଇ ବ୍ୟବସାୟୀଙ୍କ ଠାରୁ ୨୮ଲକ୍ଷ ଟଙ୍କା ଠକେଇ ହୋଇଥିଲା । ଏହି ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ଗତବର୍ଷ ନଭେମ୍ବର ୨୧ତାରିଖରେ ବଦ୍ରୀନାଥ ପଣ୍ଡା, ଅକ୍ଷୟ କୁମାର ନାୟକ, ଭବାନୀ ଶଙ୍କର ପଟ୍ଟନାୟକ, ରାମଚନ୍ଦ୍ର ପଣ୍ଡା ଓ ନିବାସ ନାହାକ ଆଦି ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ତେବେ ଏଥିରେ ସମ୍ପୃକ୍ତ ମହେଶ ବର୍ମା, ଅନର ଓ କେପି ନାମକ ୩ ବିହାରୀ ଠକ ଏଯାବତ ଫେରାର ରହିଛନ୍ତି । ଫେରାର ଅଭିଯୁକ୍ତଙ୍କ ନାମରେ ଜାମୀନବିହୀନ ଗିରଫ ପରୱାନା ଜାରି ହୋଇଥିବା ପୁଲିସ କହିଛି । ପୂର୍ବରୁ ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୮ ହଜାରଟି ୫୦୦ଟଙ୍କିଆ ଖେଳନା ନୋଟ, ୫ଟି ମୋବାଇଲ ଓ ଦୁଇଟି ବ୍ୟାଗକୁ ଜବତ କରିଥିଲା । ସୂଚନାଯୋଗ୍ୟ ଯେ, ଟ୍ରେଡ ପ୍ରଫିଟ ଫଣ୍ଡ ନାମରେ ଉପରୋକ୍ତ ଅଭିଯୁକ୍ତମାନେ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ତାଲୁକାରୋଡ଼ ପନ୍ଦରାସାହିର ବରଫ ବ୍ୟବସାୟୀ ସୂର୍ଯ୍ୟ ନାରାୟଣ ପାତ୍ର ଓ ଶ୍ରୀରାମ ନଗରର ପିଆଜ ହୋଲସେଲ ବ୍ୟବସାୟୀ ସଚିନ ମହାପାତ୍ରଙ୍କ ଠାରୁ ୨୮ ଲକ୍ଷ ଟଙ୍କା ଠକି ନେଇଥିଲେ । ଗିରଫ ୫ଜଣ ଓ ୩ଜଣ ଅଣଓଡ଼ିଆ ନିଜକୁ ଋଣଦାତା କମ୍ପାନୀର ଏଜେଣ୍ଟ ଭାବେ ପରିଚୟ ଦେଇ ଲାଞ୍ଜିପଲ୍ଲୀ ସ୍ଥିତ ଏକ ଘରୋଇ ସ୍କୁଲ ସମ୍ମୁଖକୁ ଆସିଥିଲେ ।

> ମହେଶ, ଅନର୍ ଓ କେପିଙ୍କୁ ଧରିବାରେ ବିଫଳ ପୁଲିସ

ସୂର୍ଯ୍ୟ ଓ ସଚିନ ଏକ ବ୍ୟାଗରେ ସେମାନଙ୍କୁ ଟଙ୍କା ଆଣି ପହଞ୍ଚିବା ପରେ ୨ଜଣ ଅଣଓଡ଼ିଆଙ୍କ କାରରେ ବସିଥିଲେ । ତେବେ ସୂର୍ଯ୍ୟ ଓ ସଚିନଙ୍କ ଠାରୁ ଉକ୍ତ ଟଙ୍କା ବ୍ୟାଗ୍ ନେଇ ନକଲି କିମ୍ବା ଅସଲି ଯାଞ୍ଚ କରିବା ଆଳରେ ବ୍ୟାଗ୍ ବଦଳାଇ ଦେଇଥିଲେ । ପରେ ସୂର୍ଯ୍ୟ ଓ ସଚିନ ଏହି ଯୋଜନା ସମ୍ପର୍କରେ ଜାଣି ଋଣ ନେବା କଥାରେ ଅମଙ୍ଗ ହୋଇ କାରରୁ ଓହ୍ଲାଇ ପଡ଼ିଥିଲେ । କିନ୍ତୁ କିଛି ସମୟ ପରେ ବ୍ୟାଗକୁ ଦେଖିବା ବେଳେ ସେଥିରେ ଖେଳଣା ୮ହଜାରଟି ୫ଶହ ଟଙ୍କିଆ କାଗଜ ନୋଟ୍ ଥିବା ଦେଖି ଚିନ୍ତାରେ ପଡିଯାଇଥିଲେ । ପରେ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଏହି ଘଟଣାରେ ପୁଲିସ ଅଭିଯୋଗକାରୀ ସୂର୍ଯ୍ୟଙ୍କ ବନ୍ଧୁ ବଦ୍ରିନାଥଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିବା ବେଳେ ମହେଶ ବର୍ମା, ଅନର ଓ କେପି ଆଦି ୩ଜଣ ରାଜ୍ୟ ବାହାରର ଠକ ନଗଦ ୨୮ ଲକ୍ଷ ଟଙ୍କା ନେଇ ଦୀର୍ଘ ଏକବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଫେରାର ହେବାରେ ସକ୍ଷମ ହୋଇଛନ୍ତି । ତେବେ ପୁଲିସ ଫେରାର ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହେବ ଅଥବା ଏହି ଫାଇଲକୁ ଅନ୍ୟ ମାମଲା ଭଳି ବନ୍ଦ କରିଦେବ ତାହା ଉପରେ ରହିଛି ସମସ୍ତଙ୍କ ନଜର ।

**ଟ୍ରଷ୍ଟିଙ୍କୁ ୬୨ଲକ୍ଷର ଚେକ୍ ପ୍ରଦାନକୁ ନେଇ ଉଠିଲା ପ୍ରଶ୍ନ**

# ବିଇଏମ୍ସି ନାଁରେ ହେବ ଜନସ୍ୱାର୍ଥ ମାମଲା

ବ୍ରହ୍ମପୁର, ୯ ।୧୨(ସମିସ)



ବିଇଏମସି କର୍ତ୍ତୃପକ୍ଷଙ୍କ ବିରୋଧରେ ବିଜେଡିର କର୍ପୋରେଟରଙ୍କ ରୋଷ ଥମିବାର ନାମ ନେଉନାହିଁ । ବରଂ ଦିନକୁ ଦିନ ଏହା ଉଗ୍ର ରୂପ ଧାରଣ କରିବାରେ ଲାଗିଛି । ରାମଲିଙ୍ଗେଶ୍ୱର ଜଳ ଉଦ୍ୟାନ ବାବଦରେ ଟ୍ରଷ୍ଟିଙ୍କୁ ୬୨ଲକ୍ଷ ୯୬ହଜାର ୯୭୫ଟଙ୍କାର ଚେକ ପ୍ରଦାନ ଘଟଣାକୁ ନେଇ ପୁଣି ପ୍ରଶ୍ନ ଉଠାଇଛନ୍ତି ଖୋଦ୍ ବିଇଏମସିର ଅଧିକାଂଶ ବିଜେଡି କର୍ପୋରେଟର । ଏମିତି କି ବିଇଏମ୍ସି ନାଁରେ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ କର୍ପୋରେଟରମାନେ କହିଛନ୍ତି ।

୨୦୧୫ମସିହାରେ ଏନେଇ ଆଇନ ବିଭାଗ ପକ୍ଷରୁ ଜାରି ହୋଇଥିବା ସର୍ତ୍ତାବଳୀ ଓ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି । ସେପଟେ ୨୦୧୫ମସିହାରେ ଆଇନ ବିଭାଗ ପକ୍ଷରୁ ସର୍ତ୍ତାବଳୀ ଜାରି ହୋଇଥିବା ବେଳେ ତାହାକୁ ଅଣଦେଖା କରି ୨୦୧୬ମସିହାରେ ତତ୍କାଳୀନ ବିଇଏମସି କମିଶନର ମନୋଜ କୁମାର ମହାନ୍ତି ଓ ଟ୍ରଷ୍ଟିଙ୍କ ମଧ୍ୟରେ ଏକ ଲିଜ ଡିଡ ବା ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଯେଉଁଥିରେ ବିଇଏମସିର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସମ୍ପୂର୍ଣ୍ଣ ତରବରିଆ ଓ ଟ୍ରଷ୍ଟିଙ୍କ ସ୍ୱାର୍ଥ ସାଧନ ନିମନ୍ତେ କରାଯାଇଥିବା ଅଭିଯୋଗ ହୋଇଛି । ପ୍ରଥମତଃ ଲିଜକୁ ୯୯ବର୍ଷ ପରିବର୍ତ୍ତେ ଉଦ୍ଦେଶ୍ୟମୂଳକ ଭାବେ ୩୧ବର୍ଷ ପାଇଁ ସ୍ଥିର କରାଯାଇଛି । ଦ୍ୱିତୀୟତଃ ପ୍ରକଳ୍ପରେ ରାଜ୍ୟ ସରକାରଙ୍କର ମୋଟ ପ୍ରାୟ ୨୧କୋଟି ବିନିଯୋଗ ହେବା ସହିତ ଏଥିରେ ମାନବସମ୍ବଳର ନିୟୋଜନ ଏବଂ ବିଦ୍ୟୁତ୍ ବାବଦ ଦେୟ ମଧ୍ୟ ବିଇଏମସିକୁ ଖର୍ଚ୍ଚ କରିବାକୁ ପଡୁଛି । କିନ୍ତୁ ଚୁକ୍ତି ମୁତାବକ ସବୁ ଖର୍ଚ୍ଚ ବିଇଏମସି ବହନ କରୁଥିବା ବେଳେ ମୋଟ ଆୟର ଶତକଡା ୪୦ ପ୍ରତିଶତ ଅଂଶ ଟ୍ରଷ୍ଟିଙ୍କର । ଯାହା ଯେକୌଣସି ଅଂଶୀଦାର ଚୁକ୍ତିନାମାରେ ସବୁଠାରୁ ବଡ଼ ବ୍ୟତିକ୍ରମ । ଚୁକ୍ତିନାମା ପ୍ରକାରେ ୨୦୧୬ରୁ ଆରମ୍ଭ ହୋଇଥିବା ପ୍ରକଳ୍ପ ୨୦୧୯ରେ ଶେଷ ହୋଇଥିଲା । ଏଥିରେ ପ୍ରାୟ ୧୨ରୁ୧୩କୋଟି ବିନିଯୋଗ ହୋଇଥିଲା । ପରେ 'ଲେଜର ସୋ' ପାଇଁ ପୁଣି ୮ କୋଟି ଟଙ୍କା ବିନିଯୋଗ କରାଯାଇଥିଲା ।

ସେହିଭଳି ୨୦୨୧ଜାନୁଆରୀରୁ ଜୁଲାଇ ୨୦୨୪ ପର୍ଯ୍ୟନ୍ତ ରାମଲିଙ୍ଗେଶ୍ୱର ଜଳ ଉଦ୍ୟାନରୁ ଆଦାୟ ମୋଟ ଆୟ ପ୍ରାୟ ୧କୋଟି ୫୭ଲକ୍ଷ ୪୨ହଜାର ୪୩୯ଟଙ୍କାର ୪୦ପ୍ରତିଶତ ଭାବେ ଟ୍ରଷ୍ଟିଙ୍କୁ ୬୨ଲକ୍ଷ ୯୬ହଜାର ୯୭୫ଟଙ୍କାର ଚେକ ପ୍ରଦାନ କରାଯାଇଛି । ଯାହାକୁ ନେଇ ଉଠିଛି ପ୍ରଶ୍ନ । ଗତ ନଭେମ୍ବର ୨୨ତାରିଖରେ କର୍ପୋରେସନ ବୈଠକ ବସିବାକୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ତାହା ବହୁ ପୂର୍ବରୁ ଅର୍ଥାତ୍ ୧୪ତାରିଖରୁ ଉକ୍ତ ଚେକରେ କମିଶନରଙ୍କ ଦସ୍ତଖତ ହୋଇସାରିଥିଲା । ଏପରିକି ଉକ୍ତ ଚେକ ଟ୍ରଷ୍ଟିଙ୍କୁ ପ୍ରଦାନ ପୂର୍ବରୁ କର୍ପୋରେସନ ବୈଠକରେ ଆଲୋଚନା କରିବାକୁ ମଧ୍ୟ ବିଇଏମସି କର୍ତ୍ତୃପକ୍ଷ ଉଚିତ ମଣି ନ ଥିବା କୁହାଯାଉଛି । ଏକ୍ଷେତ୍ରରେ ଉଭୟ ମେୟର ଓ କମିଶନର ପବିତ୍ର ଗୃହକୁ ବିଶ୍ୱାସକୁ ନେଇ ନ ଥିବା ଅଭିଯୋଗ କରିଛନ୍ତି ଗୋଟିଏ ଗୋଷ୍ଠୀର କର୍ପୋରେଟର ବୃନ୍ଦ । ବିଇଏମସି ପକ୍ଷରୁ ଟ୍ରଷ୍ଟିଙ୍କୁ ଦିଆଯାଇଥିବା ଅର୍ଥ ସମ୍ପୂର୍ଣ୍ଣ ଭାବେ ଜନସାଧାରଣଙ୍କ ଠାରୁ ସଂଗୃହିତ ଅର୍ଥ । ଏଣୁ ଏଥିରେ ହେଉଥିବା ଅନିୟମିତତାକୁ ଆଦୌ ବରଦାସ୍ତ କରାଯିବ ନାହିଁ । ଏନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ଦେବୋତ୍ତର କମିଶନରଙ୍କ ନିକଟରେ ମଧ୍ୟ ଅଭିଯୋଗ କରାଯାଇଥିବା ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କର୍ପୋରେଟରମାନେ ସୂଚନା ଦେଇଛନ୍ତି । ବିଇଏମସି ସହିତ ଚୁକ୍ତି ହୋଇଥିବା ମୋଟ ଲିଜ ଜମି ୭.୭୧୩ଏକର ଜମିରେ କୌଣସି ଘରୋଇ ଜମି ସିଡିପିରେ ନ ଥିବା ବେଳେ ପ୍ରସ୍ତାବିତ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା ପାଇଁ ଇତି ମଧ୍ୟରେ ଶିଳାନ୍ୟାସ କରାଯାଇଛି । ତେବେ ବାଜପେୟୀଙ୍କ ପ୍ରତିମୂର୍ତ୍ତିକୁ ବିରୋଧ କରାଯାଉ ନାହିଁ ବରଂ ଦେବୋତ୍ତର ତଥା ବିଇଏମସିର ଲିଜ ଜମିରେ ପ୍ରତିମୂର୍ତ୍ତି ସ୍ଥାପନକୁ ବିରୋଧ କରାଯାଉଥିବା କର୍ପୋରେଟରମାନେ ସ୍ପଷ୍ଟ କରିଛନ୍ତି ।

ସେହିଭଳି ଉକ୍ତ ଲିଜ ଜମିରେ ଏକ ମାର୍କେଟ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ଯୋଜନା ରହିଥିବା କର୍ପୋରେଟରମାନେ ଆଶଙ୍କା କରିଛନ୍ତି । ଘଟଣାକୁ ନେଇ ରାଜନୈତିକ ରୂପ ଦେବାକୁ ଚେଷ୍ଟା କରାଯାଉଥିଲେ ହେଁ କର୍ପୋରେଟରଙ୍କ ମଧ୍ୟରେ କୌଣସି ମତାନ୍ତର ବା ଗୋଷ୍ଠୀକନ୍ଦଳ ନ ଥିବା ସେମାନେ କହିଛନ୍ତି । ଏଭଳି ପରିସ୍ଥିତିରେ ଜନସାଧାରଣଙ୍କ ଠାରୁ ସଂଗୃହିତ ଅର୍ଥକୁ ବରବାଦ କରିବାକୁ ଅଥବା ଅନ୍ୟକୁ ଟେକିଦେବାକୁ ଆଦୌ ଦିଆଯିବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିବା ସହିତ ଏନେଇ ଆଗକୁ ଜନସ୍ୱାର୍ଥ ମାମଲା ଦାଏର କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ କର୍ପୋରେଟରମାନେ ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଶ୍ୱେତାରେଖା ତ୍ରିପାଠୀ, ଦୁର୍ଗା ପ୍ରସାଦ ଲାୟକ, ଧୀରେଶ ସାବତ, ଅଶ୍ୱିନୀ କୁମାର ପଟ୍ଟନାୟକ, ନରସିଂହ ସେଠୀ, ଆରତୀ ତନ୍ତି, କାଦମ୍ବରୀ ଦାସ, ବିଷ୍ଣୁପ୍ରିୟା ସାହୁ, ସ୍ୱର୍ଣ୍ଣଲତା ସାବତ, ସନ୍ତୋଷ କୁମାର ସେଠୀ ଓ ଜମ୍ମୁଲା ଶ୍ରୀନିବାସ ରାଓ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ ।

> - ବିଭାଗୀୟ ନିର୍ଦ୍ଦେଶ ଓ ସର୍ତ୍ତାବଳୀକୁ ଖିଲାପ; ଲିଜ୍‌କୁ ବାତିଲ ଦାବି
> - ଦେବୋତ୍ତର ଜମିରେ ପ୍ରତିମୂର୍ତ୍ତି ପ୍ରତିଷ୍ଠାକୁ ବିରୋଧ
> - ଘଟଣା ଚପାଇବାକୁ ରାଜନୈତିକ ରୂପ ଦିଆଯାଉଛି : କର୍ପୋରେଟର



# ପ୍ରୋଷ୍ଟେଟ ଗ୍ରନ୍ଥି ସଚେତନତା, ମାଗଣା ସ୍ୱାସ୍ଥ୍ୟ ଶିବିର



**ବ୍ରହ୍ମପୁର, ୯ ।୧୨(ସମିସ):** ହରିହର ନଗରସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ପୌରୁଷ ଗ୍ରନ୍ଥି ବୃଦ୍ଧି ସଚେତନକ୍ଷ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି ଯୋଗ ସଂକ୍ରାନ୍ତ ପରାମର୍ଶ ଦେଇଛନ୍ତି। ଏ ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ।

ସରକାରୀ ଯୋଜନା ବାଟବଣା

# ଫଳକରେ ସୀମିତ ଯାତ୍ରୀ ବିଶ୍ରାମାଗାର

**ପାତ୍ରପୁର, ୯ ।୧୨(ସମିସ)**

ପ୍ରତ୍ୟେକ ପଞ୍ଚାୟତକୁ ଆମ ଓଡ଼ିଶା ନବୀନ ଓଡିଶା ଆନୁକୂଲ୍ୟରେ ୫୦ଲକ୍ଷ ଟଙ୍କା ପୂର୍ବ ସରକାର ପ୍ରଦାନ କରିଥିଲେ। ଉଦ୍ଦେଶ୍ୟ ଥିଲା ପ୍ରତି ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାମ ହେବ। ସରକାର ଯୋଜନା ଆରମ୍ଭ କରିବା ପରେ ଅନେକ ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। କିଛି ପ୍ରକଳ୍ପ କାମ ମଧ ଆରମ୍ଭ ହୋଇଥିବା ବେଳେ ଅନେକ ସ୍ଥାନରେ ମଞ୍ଜୁର ହୋଇଥିବା ପ୍ରକଳ୍ପର ଫଳକ ମଧ ଲଗାଯାଇଥିଲା। ତେବେ ଗଞ୍ଜାମ ଜିଲ୍ଲା ଉପାନ୍ତ ତଥା ପାତ୍ରପୁର ବ୍ଲକ ଅଞ୍ଚଳର ସ୍ଥିତି ସମ୍ପୂର୍ଣ୍ଣ ଅଲଗା। କେଉଁଠି କାମ ଅଧପନ୍ତରିଆ ହୋଇ ପଡି ରହିଛି ତ କେଉଁଠି କେବଳ ଫଳକରେ କାମ ସୀମିତ ହୋଇ ରହିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉକ୍ତ ବ୍ଲକ ଅନ୍ତର୍ଗତ ଜରଡା ପଞ୍ଚାୟତରେ। ପଞ୍ଚାୟତର ବଂଶିଗାଁ ଠାରେ ଏକ ଯାତ୍ରୀ ବିଶ୍ରାମଗାର ନିର୍ମାଣ ପାଇଁ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ୪,୫୦୦୦୦ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ଫଳକକୁ ଛାଡିଦେଲେ କାମ ଆଗକୁ କିଛି ବଢିନାହିଁ। ଫଳରେ ଗ୍ରାମବାସୀ ଯାତ୍ରା ସମୟରେ ବସ୍‌କୁ ଖରା ବର୍ଷା ମାଡ ଖାଇ ଘଣ୍ଟା




ଘଣ୍ଟା ଧରି ଅପେକ୍ଷା କରୁଛନ୍ତି ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ପଦ୍ମନାଭ ଜେନାଙ୍କ ସହ ଯୋଗାଯୋଗ କରିବାରୁ ଆମ ଓଡିଶା ନବୀନ ଓଡିଶାରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ ମଞ୍ଜୁର ହୋଇଥିଲା କିନ୍ତୁ କାମ ନ କରିବା ପାଇଁ ଜିଲ୍ଲାସ୍ତରରୁ ଆଦେଶ ମିଳିବା ପରେ ଉକ୍ତ କାର୍ଯ୍ୟ ବନ୍ଦ ରହିଥିବା ପ୍ରକାଶ କରିଛନ୍ତି। କେବଳ ଜରଡ଼ା ନୁହଁ ବ୍ଲକର ସମସ୍ତ ପଞ୍ଚାୟତକୁ ଆମ ଓଡିଶା ନବୀନ ଓଡିଶାରେ ଆସିଥିବା ଟଙ୍କା ବାଟବଣା ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ସ୍କୁଲ୍ ଗାଡ଼ିରେ ବିଷାକ୍ତ ସାପ

**ବେଲଗୁଣ୍ଠା, ୯ ।୧୨(ସମିସ):** ପିଲାଙ୍କୁ ଧରି ବିଦ୍ୟାଳୟରୁ ଫେରୁଥିବା ବେଳେ ଏକ ଟାଟା ମ୍ୟାଜିକ୍ ଗାଡ଼ିରୁ ସାପ ବାହାରିବା ଘଟଣା ଛାତ୍ରଛାତ୍ରୀଙ୍କ ମନରେ ଭୟ ଖେଳାଇ ଦେଇଛି। ଫଳରେ ଛାତ୍ରଛାତ୍ରୀ ବାଧ ହୋଇ ନିଜ ଅଭିଭାବକ ସହ ଘରକୁ ଫେରିଛନ୍ତି। ଭଞ୍ଜନଗର ସ୍ଥିତ ଜାଭିୟର୍ ଇଁରାଜୀ ମିଡିଅମ୍ ସ୍କୁଲ୍‌କୁ ପାଇଲିପଡ଼ା,କ୍ଷତ୍ରିୟବରପୁର, ଗୋବରା ଅଞ୍ଚଳର ୧୨ ଜଣ ଛାତ୍ରଛାତ୍ରୀ ଏକ ଟାଟା ମ୍ୟାଜିକ୍ ଗାଡ଼ିରେ ଯିବା ଆସିବା କରନ୍ତି। ସୋମବାର ସେହି ଗାଡ଼ିଟି ସାତ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଫେରୁଥିବା ବେଳେ କଣ୍ଟେଇପଲ୍ଲୀ ନିକଟସ୍ଥ ଲୁଦୁଲୁଦି ଗ୍ରାମ ଛକ ନିକଟରେ ଗାଡ଼ିର ଛାତ ତଳେ ଏକ ବିଷାକ୍ତ ସାପ ଥିବା ଦେଖି ଜଣେ ଛାତ୍ର ପାଟି କରିଥିଲା ଓ ଛାତ୍ରଟିର ଚିତ୍କାର ଶୁଣି ଗାଡ଼ି ଚାଳକ ଜଣଙ୍କ ଗାଡିକୁ ରଖି ଛାତ୍ରଛାତ୍ରୀଙ୍କୁ ତଳକୁ ଓହ୍ଲାଇ ଗାଡ଼ିର ଯାଞ୍ଚ କରିଥିଲା ଓ ସ୍ଥାନୀୟ କିଛି ଯୁବକ ସାପ ଖୋଜିବାରେ ଚାଳକଙ୍କୁ ସାହାଯ୍ୟ କରିଥିଲେ। ବହୁ ସମୟ ଧରି ସାପ ନବାହାରିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଅଭିଭାବକ ଏବଂ ସମ୍ପର୍କୀୟ ମାନେ ଛାତ୍ରଛାତ୍ରୀଙ୍କୁ ନିଜ ଦାୟିତ୍ୱରେ ନେଇଥିଲେ।

# ଶିବ ମନ୍ଦିରରୁ ପୁଣି ହୁଣ୍ଡି ଉଠାଇ ନେଲେ ଦୁର୍ବୃତ୍ତ

**ଗଞ୍ଜାମ, ୯ ।୧୨(ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମ ସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ପୁଣି ଥରେ ହୁଣ୍ଡି ଚୋରି କରି ନେଇ ଯାଇଛନ୍ତି ଦୁର୍ବୃତ୍ତ। କିଛି ବର୍ଷ ମଧ୍ୟରେ ଏହା ଦ୍ୱିତୀୟ ଘଟଣା ବୋଲି ଜଣାଅପଡ଼ିଛି। ଗତ ଶୀତଳ ଷଷ୍ଠୀ ସମୟରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖାଲି କରିଦିଆଯାଇଥିବା ବେଳେ ଶୀତ ରାତିରେ ସୁଯୋଗ ନେଇ ହୁଣ୍ଡି ଚୋରି ହୋଇଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ କିଛି ବର୍ଷ ହେଲା ରମ୍ଭା ଓ ଗଞ୍ଜାମ ଥାନା ଇଲାକରେ ବିଭିନ୍ନ ମନ୍ଦିରରୁ ବାରମ୍ବାର ଚୋରି ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ଆଖଣ୍ଡଳମଣି ମନ୍ଦିର ପରେ ଝାଡେଶ୍ୱର ମନ୍ଦିରରେ ମଧ ଦୁଇ ଦୁଇ ଥର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ପ୍ରଶାସନ ପକ୍ଷରୁ ହୁଣ୍ଡି ଅର୍ଥ ବେଶି ଦିନ ନ ରଖିବା ଓ ମନ୍ଦିରରେ ମୂଲ୍ୟବାନ ସାମଗ୍ରୀ ନ ରଖିବା ପାଇଁ ମନ୍ଦିର ପରିଚାଳନା କମିଟିକୁ ଅବଗତ କରାଯାଇଛି।

ଡଙ୍ଗା ବୁଡ଼ିରେ ମୃତ ଝିଅର ପିତାଙ୍କ ଠାରୁ ଟଙ୍କା ନେବା ଘଟଣା

# ଏସ୍‌ଡିପିଓଙ୍କ ଆଗରେ ପିତାଙ୍କୁ ଟଙ୍କା ଫେରାଇଲେ ସରପଞ୍ଚ

**ନନ୍ଦପୁର, ୯।୧୨(ସମିସ):** ଜଲାପୁଟ ଜଳଭଣ୍ଡାରରେ ଡଙ୍ଗାବୁଡ଼ି ଗତ ଶନିବାର ସନ୍ଧ୍ୟାରେ ଜବାଗଡ଼ ଗ୍ରାମର ଦମ୍ପତିଙ୍କ ମୃତ୍ୟୁ ହୋଇଥିଲା। ଉଭୟଙ୍କ ଶବ ଉଦ୍ଧାର ପରେ ଗାଁ ଦାଣ୍ଡରେ ପଡି ରହିଥିବା ବେଳେ ମୃତ ମହିଳାଙ୍କ ପିତା ଆଦୁ ଚାଲାଣଙ୍କଠାରୁ ଉକ୍ତ ପଞ୍ଚାୟତର ସରପଞ୍ଚ ୫ ହଜାର ଟଙ୍କା ନେଇଥିଲେ। ଯାହାର ଭିଡିଓ ଭାଇରାଲ ହୋଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେବେ ସମ୍ପୃକ୍ତ ସରପଞ୍ଚ ମୃତ ଝିଅର ପିତା ଆଦୁ ଚାଲାଣଙ୍କୁ ଉକ୍ତ ୫ ହଜାର ଟଙ୍କା ନନ୍ଦପୁର ଏସଡିପିଓ ସମ୍ବିତ କୁମାର ମାଝୀଙ୍କ ଉପସ୍ଥିତିରେ ଫେରାଇଛନ୍ତି। ସୂଚନାନୁଯାୟୀ, ସରପଞ୍ଚ ମୃତ ମହିଳାଙ୍କ ପିତାଙ୍କଠାରୁ ୫ ହଜାର ଟଙ୍କା ନେବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରକାଶିତ ଖବର ମିଥ୍ୟା ଦର୍ଶାଇ ମାଛକୁଣ୍ଡ ଥାନାରେ ସମ୍ପୃକ୍ତ ସରପଞ୍ଚ ଏତେଲା ଦେଇଥିଲେ। ଅନ୍ୟପଟରେ ସାମ୍ବାଦିକଙ୍କୁ କଣ୍ଠରୋଧ କରୁଥିବା ନେଇ ଉକ୍ତ ସରପଞ୍ଚଙ୍କ ନାଁରେ ସାମ୍ବାଦିକ ଦୁର୍ଗା ପ୍ରସାଦ ପାଢ଼ି ନନ୍ଦପୁର ଥାନାରେ ପାଲଟା ଏତେଲା ଦେଇଥିଲେ। ସୋମବାର ସମ୍ପୃକ୍ତ ସରପଞ୍ଚ ସହ ଗ୍ରାମବାସୀ ଓ ସରପଞ୍ଚମାନେ ଏସଡିପିଓ ସମ୍ବିତ କୁମାର ମାଝୀଙ୍କ ନିକଟରେ ଫେରାଦ ହୋଇଥିଲେ। ପରେ ଝିଅ ପିତା ଆଦୁ ଚାଲାଣଙ୍କୁ ଡକାଯାଇ ଟଙ୍କା ନେବା ଭିଡିଓ ବାର୍ତ୍ତା ଉପରେ ପଚାରିବାରୁ ଖୁସିରେ ଟଙ୍କା ଦେଇଥିବା କହିଥିଲେ। ପରେ ସମ୍ପୃକ୍ତ ସରପଞ୍ଚ ଆଦୁ ଚାଲାଣଙ୍କୁ ଏସଡିପିଓ ସମ୍ବିତ କୁମାର ମାଝୀଙ୍କ ଆଗରେ ପାଞ୍ଚ ହଜାର ଟଙ୍କା ଫେରାଇଥିଲେ।

# ଗଞ୍ଜାମ ଜିଲ୍ଲା ମହିଳା ଓ ପୁରୁଷ ବକ୍ସିଂ ଦଳ ଚୟନ



**ବ୍ରହ୍ମପୁର, ୯ ।୧୨(ସମିସ):** ସ୍ଥାନୀୟ ମହାରାଗାନ୍ଧୀ ଷ୍ଟାଡିୟମ୍ ଠାରେ ଗଞ୍ଜାମ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ମହିଳା ଓ ପୁରୁଷ ଗଞ୍ଜାମ ଜିଲ୍ଲା ବକ୍ସିଂ ଟିମ ଚୟନ କରାଯାଇଛି। ପୁରୁଷ ଦଳରେ ଏସ. ସାଇ ପ୍ରତାପ, ଏସ. ସାଇ କୁମପ୍ରବୀଣ କୁମାର ସେଠୀ, ବି. ନୀଳକଣ୍ଠ, ଏସ ମୁରଲି, ବିପିନ ଗୌଡ଼, ଆଦିତ୍ୟ ମହାନ୍ତିଙ୍କ ସମେତ ଅତିରିକ୍ତ ୪ଜଣ ବକ୍ସରଙ୍କୁ ଚୟନ କରାଯାଇଛି। ସେହିପରି ମହିଳା ଦଳରେ ଏ. ରିତୁ ରାଓ, ଜ୍ୟୋତି ବେହେରା ସ୍ମୃତିଶା ପାଣିଗ୍ରାହି, ଆୟୁଷ୍ମିତା ପାଣିଗ୍ରାହି, ସୁନିତା ଗୌଡ଼, ମନସ୍ୱିନୀ ସାବତ, ଡ଼ି. କୁସୁମା ରେଡ୍ଡୀଙ୍କ ସମେତ ଅତିରିକ୍ତ ୩ ଜଣ ବକ୍ସରଙ୍କୁ ଚୟନ କରାଯାଇଛି। ଶିବିରରେ ପୁରୁଷ ଓ ମହିଳା ବକ୍ସର ପ୍ରତିଯୋଗୀ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବିରକୁ ମହାାଗାନ୍ଧୀ ଷ୍ଟାଡିୟମ୍ ଇନ୍ ଚାର୍ଜ ସଞ୍ଜୀବ କୁମାର ସାହୁ, ଗଞ୍ଜାମ ଜିଲ୍ଲା ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ, ବକ୍ସିଂ କୋଚ୍ ରିଫେରୀ ଜଜ୍ ଲଡୁ କିଶୋର ସାହୁ, ବି. ବାବୁ ରାଓ ବେହେରା, ବୁଲୁ ପାତ୍ର, ଅବିନାଶ ନାୟକ, ସନ୍ତୋଷ ସ୍ୱାଇଁ, ସନୁପ ସୁନୀଲ କୁମାର, ଏନ. ତ୍ରିପତି ପାତ୍ର, କେ. ଭେଙ୍କଟ ରମଣ, ମୁନା ଗୌଡ଼, ଲିଟୁ ଦାସ, ଅଂଶୁମାନ ଜେନା, ବାଲାଜୀ, ଗଞ୍ଜାମ ଜିଲ୍ଲାର ପ୍ରାୟ ସମସ୍ତ ବକ୍ସର ସମେତ ଅନ୍ତର୍ଜ ।ତୀୟ ରିଫେରୀ ଜଜ୍ ତଥା ସ୍ଥାନୀୟ କୋଚ୍ ଶିଶିର କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ବସ୍ ଚୋରି ଘଟଣାରେ ଦୁଇ ଗିରଫ



**ଆସିକା, ୯ ।୧୨(ସମିସ):** ଆସିକା ନୂଆ ବସ୍‌ଷ୍ଟାଣ୍ଡରୁ ବସ ଚୋରି ହେବା ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗତ ୭ ତାରିଖ ବିଳମ୍ବିତ ରାତିରେ ଆସିକା ବସଷ୍ଟାଣ୍ଡରୁ ବସ ଚୋରି ହୋଇଥିବା ନେଇ ଆସିକା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ ବେଳେ ଚୋରି ହୋଇଥିବା ବସକୁ ଗଞ୍ଜାମ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥରୁ ଉଦ୍ଧାର କରିଥିଲା। ପୁଲିସ ପ୍ରଥମେ ବସ ହେଲେପର ୨୨ ବର୍ଷୀୟ କାହ୍ନା ସାହୁଙ୍କୁ ତଦନ୍ତ ପରିସର କରି ପଚରା ଉଚ୍ଚରା କରିବା ପରେ ବସ ଚୋରି ସତ ସାମ୍ନାକୁ ଆସିଥିଲା। ବସ ହେଲପର ନିଜେ ବସକୁ ଚୋରି କରିଥିବା ବେଳେ ବସରୁ ୧୬୦ ଲିଟର ଡିଜେଲ ବାହାର କରି ରମ୍ଭା ଥାନା ଅନ୍ତର୍ଗତ ନୀଳାଦ୍ରୀ ନଗର ରତିକାନ୍ତ ପ୍ରଧାନକୁ ବିକ୍ରୀ କରିଥିବା ମାନିଥିଲେ। ପରେ ବସ ଚୋରି ଘଟଣାରେ ପୁଲିସ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ବସ ସହ ୧୬୦ ଲିଟର ଡିଜେଲ ଉଦ୍ଧାର କରିଛି।

# ରେଳମନ୍ତ୍ରୀଙ୍କୁ ଭେଟିଲେ ମତ୍ସ୍ୟଜୀବୀ ନେତା

**ରମ୍ଭା, ୯ ।୧୨(ସମିସ):** କେନ୍ଦ୍ର ରେଳ ଓ ଆଇଟି ମନ୍ତ୍ରୀ ଅଶ୍ୱିନ ବୈଷ୍ଣବଙ୍କୁ ଭୁବନେଶ୍ୱର ବିମାନ ବନ୍ଦର ଠାରେ ବିଜେପି ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ସାକ୍ଷାତ କରି ରମ୍ଭା ରେଳ ଷ୍ଟେସନର ବିଭିନ୍ନ ସମସ୍ୟା, କୋଣାର୍କ, ପ୍ରଶାନ୍ତି, ପୂର୍ବରୁ ରହିଆସୁଥିବା ପୁରୀ ତ୍ରିପତି ଭଳି ଦ୍ରୁତଗାମୀ ଟ୍ରେନ ରହଣି ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ରମ୍ଭା ଷ୍ଟେସନର ଟିକେଟ ବୁକିଂ କାଉଣ୍ଟର ବିଷୟରେ ଆଲୋଚନା କରିଥିଲେ। ଏହା ବ୍ୟତୀତ ମୋବାଇଲ୍ ଟାୱାର ଲାଇନ ପ୍ରଚଳନ ଅତିଶୀଘ୍ର କରିବା ପାଇଁ ଅନୁରୋଧ କରିଥିଲେ।

# ଏମ୍‌କେସିଜିରେ ପିଏମ୍‌ଏସ୍‌ଏମ୍‌ଏ କକ୍ଷ ଉଦ୍‌ଘାଟିତ



**ବ୍ରହ୍ମପୁର, ୯।୧୨(ସମିସ):** ଏମକେସିଜି ମେଡିକାଲ କଲେଜ ଓ ହସପିଟାଲର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ଆଉଟ୍‌ଡୋରରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ(ପିଏମଏସଏମଏ) କକ୍ଷ ସୋମବାର ଉଦଘାଟିତ ହୋଇଯାଇଛି। ଏମ୍କେସିଜିର ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାସ, ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା, ପ୍ରସୂତି ବିଭାଗ ମୁଖ୍ୟ ପ୍ରଫେସର ଡା. ସଂଘମିତ୍ରା ମହାପାତ୍ର, ଏନ୍‌ଏଚ୍‌ଏମର ସରୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ମାତୃ ଓ ଶିଶୁ ମୃତ୍ୟୁହାର କମ କରିବା ଲକ୍ଷ୍ୟରେ ପ୍ରତ୍ୟେକ ମାସ ୯ ତାରିଖରେ ଗର୍ଭବତୀଙ୍କୁ ମାଗଣା ଓ ଗୁଣଯୁକ୍ତ ଚିକିତ୍ସା ସେବା ଯୋଗାଇବା ହେଉଛି ଏହି ଅଭିଯାନର ଲକ୍ଷ୍ୟ। ପୂର୍ବରୁ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ଅଭିଯାନ ଚାଲୁଥିବା ବେଳେ ବର୍ତ୍ତମାନ ମେଡିକାଲ କଲେଜରେ ଆରମ୍ଭ କରାଯାଇଥିବା ଜଣାପଡିଛି।

# ବଦଳିଲେ ପାଟପୁର ଥାନା ଆଇଆଇସି



**ସାନଖେମୁଣ୍ଡି, ୯।୧୨(ସମିସ):** ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲଙ୍କୁ ଚମାଖଣ୍ଡି ଥାନାକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଗଞ୍ଜାମ ପୁଲିସ ଜିଲ୍ଲା ମୁଖ୍ୟାଳୟରେ କାର୍ଯ୍ୟରତ ଦୀପ୍ତି ରଞ୍ଜନ ବେହେରାଙ୍କୁ ପାଟପୁର ଥାନା ଆଇଆଇସି ଭାବେ ନିଯୁକ୍ତି ମିଳିଥିବା ଜଣାପଡିଛି। ଦୀପ୍ତି ରଞ୍ଜନ ୨୦୨୨ - ୨୪ ମାର୍ଚ୍ଚ ଯାଏଁ ଦିଗପହଣ୍ଡି ଥାନାରେ କାର୍ଯ୍ୟକରି ବେଶ ସୁନାମ ଅର୍ଜନ କରିଥିଲେ। ପରେ ଏଠାରୁ ତାଙ୍କୁ କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନାକୁ ବଦଳି ହୋଇଥିଲା। ସେହିପରି ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ ପୂର୍ବରୁ ପ୍ରାୟ ୩ ବର୍ଷ କାର୍ଯ୍ୟ ତୁଲାଇଥିଲେ। ତାଙ୍କୁ ପରେ ଗଜପତି ଜିଲ୍ଲାକୁ ବଦଳି ହୋଇଥିଲା। ସେ ପୁଣି ଗତ ନଭେମ୍ବର ୧୬ ରେ ପାଟପୁର ଥାନା ଆଇଆଇସି ଭାବେ ନିଯୁକ୍ତି ପାଇଥିଲେ। ନୂତନ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ମଙ୍ଗଳବାର ପାଟପୁର ଥାନାଧିକାରୀ ଭାବେ କାର୍ଯ୍ୟ ଗ୍ରହଣ କରିବେ ବୋଲି ଜଣାପଡିଛି।

# ଛତ୍ରପୁରରେ ହେଲ୍‌ମେଟ ଚେକିଂ ଜୋର୍‌ଦାର



**ଛତ୍ରପୁର, ୯ ।୧୨(ସମିସ):** ଜିଲ୍ଲାରେ ଦୁର୍ଘଟଣା ହ୍ରାର କମାଇବା ନିମନ୍ତେ ବିଭିନ୍ନ ପ୍ରକାର ସଚେତନତା କରାଯାଉଛି। ଯେମିତିକି ହେଲମେଟ ପିନ୍ଧି ଗାଡି ଚଳାଇବା... ଗାଡିର ସମସ୍ତ କାଗଜ ପତ୍ର ସଠିକ ରଖିବା, ଚାରି ଚକିଆ ଯାନ ବାହାନ ବ୍ୟବହାରରେ ସିଟ ବେଲ୍ଟ ପିନ୍ଧିବା ସମେତ ବିଭିନ୍ନ ସମ୍ବନ୍ଧରେ କୁହାଯାଇଛି, ବିନା ହେଲମେଟରେ ଗାଡି ଚଳାଇବା ଦ୍ୱାରା ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁ ଘଟୁଛି। ଏହାକୁ ରୋକିବା ନିମନ୍ତେ ନିୟମକୁ କଡାକଡି ପାଳନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକିଂ କରାଯାଉଛି। ଏନେଇ ସୋମବାର ସନ୍ଧ୍ୟାରେ ଛତ୍ରପୁର ଲୋୟାର ବସଷ୍ଟାଣ୍ଡରେ ପ୍ରୋବାସନାରୀ ଆଇପିଏସ ଅଧିକାରୀ ମନୀଷା ସୌଗୁଣଙ୍କ ନେତୃତ୍ୱରେ ଛତ୍ରପୁର ଥାନା ପୁଲିସ ସହାୟତାରେ ହେଲମେଟ ଚେକିଂ କରାଯାଇଛି। ଏହା ସହିତ ଚାରି ଚକିଆ ଯାନ ବାହନ ଗୁଡିକ ମଧ ଯାଞ୍ଚ କରାଯାଇଛି।

# ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଶିବମ



**ଛତ୍ରପୁର, ୯ ।୧୨(ସମିସ):** ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ଶିବମ ପ୍ରଧାନ ଦକ୍ଷିଣାଞ୍ଚଳ ଜୋନସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ହାସଲ କରିବା ସହ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଯୋଗ ଦେବା ନିମନ୍ତେ ମନୋନୀତ ହୋଇଛନ୍ତି। ଡିସେମ୍ବର ୯/୧୦ ଦୁଇ ଦିନ ଧରି ବାଲେଶ୍ୱର ଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଛି। ଶିବମ ଗୋପାଳପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ ଜୋନସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ "ସ୍ମାର୍ଟସିଟି ଏବଂ ଅତ୍ୟାଧୁନିକ ପରିବହନ' ପ୍ରକଳ୍ପ ପ୍ରଦର୍ଶନ କରି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଥିଲେ। ଶିବମଙ୍କ ବାପା ବସନ୍ତ କୁମାର ପ୍ରଧାନ ଓ ମାତା ସୁଜାତା ପ୍ରଧାନ ଉଭୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଟନ୍ତି।

# ଆନ୍ତଃମହାବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

**ଗୋପାଳପୁର, ୯ ।୧୨(ସମିସ)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଦୁଇ ଦିନିଆ ୫୬ ତମ ଅନ୍ତଃମହାବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଖେଳରେ ଜିତିବା ହାରିବା ଉପରେ ଗୁରୁତ୍ୱ ନ ଦେଇ ଭାଗ ନେଇ ନିଜ ନିଜର ଦକ୍ଷତା ପଦର୍ଶନ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ କୁଳସଚିବ ମଜିବାନନ୍ଦ ନାୟକ, ଉପ-କୁଳସଚିବ ତଥା ଓଏସଡ଼ି ଡ଼. ବାବୁଜୀ ସାମଲ, ପିଜି କାଉନସିଲ୍ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ପିଇଓ ରବି ଚରଣ ମିଶ୍ର, ରାଜେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ପରିଷଦ ସମ୍ପାଦକ ଡ଼. ସାରଦା ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ୪୦ଟି କଲେଜରୁ ମହିଳା ବର୍ଗରେ ୧୨୦ଜଣ ଓ ପୁରୁଷ ବର୍ଗରେ ୨୫୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ।



ପ୍ରତିଯୋଗିତାରେ ସିମିଳିଗୁଡ଼ା କଲେଜର ଜସ୍ମିନ ପାଙ୍ଗି ପ୍ରଥମ, ଆସିକା ସାଇନ୍ସ କଲେଜର ବର୍ଷା ଗୌଡ଼ ଦ୍ୱିତୀୟ, ଉଚ୍ଚ ତିଆଁରେ ଆସିକା ସାଇନ୍ସ କଲେଜର ରୋଜି ପ୍ରଧାନ ପ୍ରଥମ, ବାଲିଗୁଡା ଆଦିବାସୀ କଲେଜର ତୃପ୍ତିମୟୀ କହଁର ଓ ଛତ୍ରପୁର ମହିଳା ମହାବିଦ୍ୟାଳୟର ଦୀପିକା ଡାକୁଆ ଦ୍ୱିତୀୟ, ସଟ୍‌ପୁଟ୍‌ରେ ରାଇକିଆ ଜେ. ଜେ ମହାବିଦ୍ୟାଳୟର ସଞ୍ଜନା ବେହେରା ପ୍ରଥମ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ସ୍ୱପ୍ନା ମାଡ଼ୋଙ୍ଗୀ ଦ୍ୱିତୀୟ, ଆସିକା ସାଇନ୍ସ କଲେଜର ବର୍ଷା ଗୌଡ଼ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ପୁରୁଷ ବର୍ଗର ୧୫୦୦ ମିଟର ଦୌଡ଼ରେ ରାଇକିଆ ଜେ. ଜେ ମହାବିଦ୍ୟାଳୟର ଆକାଶ ସିଂ ପ୍ରଥମ, ଫିରିଙ୍ଗିଆ ପଞ୍ଚାୟତ କଲେଜର ଅଭି ଶିସା ଦ୍ୱିତୀୟ, ସିମିଳିଗୁଡା କଲେଜର ଅମିତ ଜାନୀ ତୃତୀୟ, ଲମ୍ବ ତିଆଁରେ ସିମିଳିଗୁଡା କଲେଜର ପଦ୍ମନ ହନ୍ତାଳ ପ୍ରଥମ, ବାଲିଗୁଡା ଆଦିବାସୀ କଲେଜର ବଳଦେବ ମଲ୍ଲିକ ଦ୍ୱିତୀୟ, କେନ୍ଦୁପଦର ଏନବିସି କଲେଜର ତପନ କୁମାର ମହାନ୍ତି ତୃତୀୟ, ସଟପୁଟରେ ପାରଳାଖେମୁଣ୍ଡି ଏସକେସିଜି କଲେଜର ନିର୍ମଳ ଜେନା ପ୍ରଥମ ଓ ଦିନେଶ ନାୟକ ଦ୍ୱିତୀୟ, ଭଞ୍ଜନଗର କେବିଡି ମହାବିଦ୍ୟାଳୟର ଅଜୟ କୁମାର ମିଶ୍ର ତୃତୀୟ, ଡ଼ିସକ୍ରସ ଥ୍ରୋରେ ପାରଳାଖେମୁଣ୍ଡି ଏସକେସିଜି କଲେଜର ନିର୍ମଳ ଜେନା ପ୍ରଥମ, ଭଞ୍ଜନଗର କେବିଡି ମହାବିଦ୍ୟାଳୟର ଅଜୟ କୁମାର ମିଶ୍ର ଦ୍ୱିତୀୟ, କାଶୀନଗର ଶ୍ରୀରାମ ଡିଗ୍ରୀ କଲେଜର କେ. ରାଜେଶ କୁମାର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଏସ୍. କ୍ରିଷ୍ଣା ରେଡ୍ଡୀ, ସୁନିତା ପାତ୍ର, ବୁବା ଶତପଥୀ, ରମେଶ ପଟ୍ଟନାୟକ, ଡ଼. ମିହିର କୁମାର ତ୍ରିପାଠୀ, ଟୁକୁ ସେଠୀ, କବିରାଜ ଗୌଡ଼, ସୁଜତା ରାଣୀ ବିଷୋୟୀଙ୍କ ସମେତ ଶିକ୍ଷକ, ଅଣଶିକ୍ଷକ ଓ ବିଭିନ୍ନ କଲେଜର ପିଇଟି ପରିଚାଳନାରେ ସହଯୋଗ କରିଥିଲେ।

## କଲେଜ ଛାତ୍ରୀଙ୍କୁ ଅସଦାଚରଣ; ଦୋକାନୀ ଅଟକ



ଜି.ଉଦୟଗିରି, ୯।୧୨(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବନ୍ଧ ଛକ କଲେଜ ରୋଡରେ ଥିବା ଏକ ଷ୍ଟେସନାରୀ ଦେକାନ ମାଲିକକୁ ଜଣେ କଲେଜ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ପୁଲିସ ଅଟକ ରଖି ତଦନ୍ତ କରୁଛି। ପାଠପଢ଼ା ପରେ ଜଣେ କଲେଜ ଛାତ୍ରୀ ପାବୁରିଆ ନିକଟସ୍ଥ ଘରକୁ ଫେରିବା ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ସେଠାରେ ଥିବା ଷ୍ଟେସନାରୀ ଦୋକାନକୁ କିଛି ଜିନିଷ କିଣିବା ପାଇଁ ଯାଇଥିଲେ। ଦୋକାନ ମାଲିକ ସୁଯୋଗ ଦେଖି ଝିଅକୁ ତାଙ୍କ ଦୋକାନ ଘର ଉପରେ ଥିବା କୋଠରୀକୁ ଠେଲି ଠେଲି ନେଇ ବନ୍ଦକରି ଦେଇଥିଲେ। ଉକ୍ତ ଝିଅ ବନ୍ଦ କୋଠରୀର ଝରକା ପଟୁ ଚିତ୍କାର କରି ଲୋକଙ୍କୁ ଡାକିଥିଲେ। ସେଠାରେ ଥିବା ଲୋକେ ଝିଅକୁ ଉଦ୍ଧାର କରି ଦୋକାନ ମାଲିକକୁ ପୁଲିସରେ ଜିମା ଦେଇଥିଲେ। ବନ୍ଧଛକ ଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଜଣେ କଲେଜ ଛାତ୍ରୀଙ୍କୁ ଦୋକାନୀଙ୍କ ଅସଦାଚରଣ ଘଟଣାକୁ ସମସ୍ତେ ନିନ୍ଦା କରିଛନ୍ତି। ମହିଳା ପୁଲିସ ଏସ.ଆଇ ରଞ୍ଜିତା ବେହେରା ଘଟଣାର ଅଧିକ ତଦନ୍ତ କରୁଛନ୍ତି।

# ନୃତ୍ୟଗୀତରେ ଶେଷ ହେଲା ମହେନ୍ଦ୍ରତନୟା ମହୋତ୍ସବ

ଗୋଷାଣି, ୯ ।୧୨(ସମିସ)



ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦର ମହକୁମାରେ ଚାଲିଥିବା ମହେନ୍ଦ୍ରତନୟା ମହୋତ୍ସବ ପାରମ୍ପରିକ ନୃତ୍ୟ ଗୀତ, ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ପରିବେଷଣ, ସୁସଜ୍ଜିତ ଆଲୋକମାଳାରେ ଧୂମଧାମରେ ସମାପନ ହୋଇଛି। ଦୁଇ ଦିନ ଧରି ହଜାର ହଜାର ସଂଖ୍ୟକ ଦର୍ଶକଙ୍କ ଉପସ୍ଥିତିରେ ଭରପୁର ଆନନ୍ଦ ଉଲ୍ଲାସର ସହ ଉଦ୍‌ଯାପିତ ହୋଇଛି। ସୋମବାର ଦ୍ୱିତୀୟ ତଥା ଅନ୍ତିମ ରଜନୀରେ ବିଶିଷ୍ଟ ଅତିଥି ଗଣଙ୍କ ସମେତ ବହୁ କଳାକାର ଯୋଗ ଦେଇଥିଲେ। ଦୁଇ ଦିନିଆ ମହୋତ୍ସବରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରଙ୍କ ସହ ରାଜ୍ୟ ତଥା ରାଜ୍ୟ ବାହାର ବିଶିଷ୍ଟ କଣ୍ଠଶିଳ୍ପୀଦମଦାର ସଙ୍ଗୀତ ଓ ନୃତ୍ୟ ପରିବେଷଣ ସାଙ୍ଗକୁ ଅତିଥିମାନଙ୍କ ଉତ୍ସର୍ଗିକୃତ ଭାଷଣ ହଜାର ହଜାର ଜନସାଧାରଣଙ୍କୁ ବାନ୍ଧି ରଖିଥିଲା। ଚଳିତ ବର୍ଷ ଏହି ମହେନ୍ଦ୍ରତନୟା ଉତ୍ସବରେ ହଜାର ହଜାର ସଂଖ୍ୟକ ଦର୍ଶକ ତଥା ଜନସମାବେଶ ମଧ୍ୟରେ ପୂର୍ବବର୍ଷଗୁଡ଼ିକ ତୁଳନାରେ ଚଳିତ ବର୍ଷ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦେଶାତ୍ମବୋଧ ସଂଗୀତ ନୃତ୍ୟ ପରିବେଷଣ ସାଙ୍ଗକୁ ନୃତ୍ୟ, ଆଦିବାସୀ ନୃତ୍ୟରେ ମଞ୍ଚ ଦୁଲିକିଥିଲା। ଆଉ ଏହି ନୃତ୍ୟ ସଙ୍ଗୀତର ତାଳେ ତାଳେ ଦର୍ଶକ ତଥା ଜନସାଧାରଣଙ୍କ ସହ ଅଧିକାରୀ, କର୍ମଚାରୀ ମଧ୍ୟ ନାଚଗୀତର ଝୁମି ଉଠିଥିଲେ। ଆଜିର ଅନ୍ତିମ ରଜନୀ ନୃତ୍ୟଗୀତ ଶବ୍ଦରେ ପ୍ରକମ୍ପିତ ହୋଇଥିଲା। ସଭା କାର୍ଯ୍ୟକ୍ରମ ବି ବେଶ ଆକର୍ଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାପାଳ ବିଜୟ କୁମାର ଦାଶ, ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ଗୁଣନିଧି ନାୟକ, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ୍.ଆନନ୍ଦ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ଜିଲ୍ଲାପରିଷଦ ସଭ୍ୟ ଏସ୍.ବାଲାରାଜୁ, ଜିଲ୍ଲାପରିଷଦ ସଭ୍ୟା ନୀଳାବତୀ ପାରିଗା ଓ ଆରଏମସି ସଭାପତି ଏସ୍.ଗଜପତି ରାଓ ମଞ୍ଚାସୀନ ହୋଇଥିଲେ। ଏହାସାଙ୍ଗକୁ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତିସଭ୍ୟ ତଥା ଜନପ୍ରତିନିଧି ମଧ୍ୟ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଦାଶ ଏହି ମାଟିର ଗୁଣଗାନ କରି ଏଠାକାର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିବା ସହ କଳା ସଂସ୍କୃତି ପରମ୍ପରାର ପର୍ବ ମହେନ୍ଦ୍ରତନୟା ମହୋତ୍ସବକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ, ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ପିଇଓ ପରିଚାଳନାରେ ସହଯୋଗ କରିଥିଲେ।

## ବୃଷଭରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ଗୁମ୍ମା, ୯।୧୨(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ବୃଷଭ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଜତିନ୍ଦ୍ର କୁମାର ପଣ୍ଡା ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ.ଗୁଣନିଧି ନାୟକ ଓ ଜିଲ୍ଲା ପରିଷଦ ସଭ୍ୟା ରେଣୁକା ପାତ୍ର ଯୋଗ ଦେଇଥିଲେ। ବୃଷଭ ପଞ୍ଚାୟତ ସମେତ ବାଇଝାଲ, ଗାଇବା ଓ ପରିଡ଼ା ପଞ୍ଚାୟତର ୮୧ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୨୭ ଓ ଗ୍ରାମଭିତ୍ତିକ ସମସ୍ୟା ୪୫ ରହିଥିଲା। ୯ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ସବୁ ସମସ୍ତ ଅଭିଯୋଗ ଗୁଡିକ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ତହସିଲଦାର ଦେବୀ ପ୍ରସନ୍ନ ସ୍ୱରସତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମହମ୍ମଦ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ ନାୟକ ଓ ସ୍ଥାନୀୟ ସରପଞ୍ଚ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଟିକାବାଲି ସାହିତ୍ୟ ସଂସଦ ପରିଚାଳନା ସମିତି ଗଠିତ



ଟିକାବାଲି, ୯।୧୨(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲିରେ ନୂତନ ଭାବେ ଗଢ଼ି ସାହିତ୍ୟ ସଂସଦ ଗଠନ କରାଯାଇଛି। ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ସଂସଦର ପରିଚାଳନା ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ସଂସଦର ପ୍ରାଣ ପ୍ରତିଷ୍ଠାତା ମନୋଜ କୁମାର ଭୋଇ ପରିଚାଳନା କରିଥିଲେ। ସାମ୍ପ୍ରତିକ ସମାଜରେ ସାହିତ୍ୟର ସଙ୍କଟକୁ ନେଇ ଶ୍ରୀ ମହାନ୍ତି ଆଲୋକପାତ କରିଥିଲେ ଓ ଦୀନକୃଷ୍ଣ ମହାପାତ୍ରଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା। ବୈଠକରେ ନୂଆ ପରିଚାଳନା ସମିତି କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସହମତି କ୍ରମେ ସଭାପତି ଭାବେ ଦୀନବନ୍ଧୁ ମହାନ୍ତି, ଉପ ସଭାପତି ଗୁରୁ ପ୍ରସାଦ ସାହୁ, ସମ୍ପାଦକ ମନୋଜ କୁମାର ଭୋଇ, ସହସମ୍ପାଦକ ଦୀନକୃଷ୍ଣ ମହାପାତ୍ର ଓ ଲତାଞ୍ଜଳି ମହାନ୍ତି, କୋଷାଧ୍ୟକ୍ଷ ଶ୍ରୀକାନ୍ତ ଚୌଧୁରୀ, ପରିଚାଳନା କମିଟି ସଭ୍ୟ ଭାବେ ବନମାଳୀ ବେହେରା, ଲଙ୍କେଶ୍ୱର କହଁର, ବ୍ରହ୍ମାନନ୍ଦ ମହାଲିକ, ରାନୀ ମହାରଣା, ସୁମନ୍ତ କୁମାର ସାହୁଙ୍କୁ ମନୋନିତ କରାଯାଇଥିଲା। ସେହିପରି ସଂସଦର ଉପଦେଷ୍ଟା ଭାବେ ବ୍ରହ୍ମପୁରର ଡ଼.ଶ୍ୟାମା ପ୍ରସାଦ ମିଶ୍ର, ଜି ଉଦୟଗିରିର ଡ଼.ନଳିନୀ କୁମାର ପାଣିଗ୍ରାହୀ, ଭଞ୍ଜନଗର ଡ଼.ଅଶୋକ କୁମାର ଷଡଙ୍ଗୀ, ଟିକାବାଲିର ଡ଼.ବିଷ୍ଣୁପ୍ରିୟା ପଣ୍ଡା, ଭଞ୍ଜନଗରର ରଙ୍କନିଧି ସେଠୀ ଓ ଟିକାବାଲିର ଡ଼.ସୁଶାନ୍ତ କୁମାର ନାୟକ ମନୋନିତ ହୋଇଛନ୍ତି। ଶେଷରେ ସଦସ୍ୟ ବନମାଳୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମୋହନାରେ ମୃଦୁ ଭୂମିକମ୍ପ

ମୋହନା, ୯।୧୨(ସମିସ): ଗଜପତି ଜିଲ୍ଲା ମୋହନାର ବିଭିନ୍ନ ଅଞ୍ଚଳରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ସୋମବାର ଅପରାହ୍ଣ ପ୍ରାୟ ୫.୨୫ ମିନିଟ ସମୟରେ ଅଚାନକ ଏକ ଶବ୍ଦ ହୋଇଥିଲା। ଏଥିସହ ବିଭିନ୍ନ ସ୍ଥାନରେ ଘରର ବିଭିନ୍ନ ଆସବାବ ପତ୍ର ଦୋହଲି ଯାଇଥିଲା। ଭୂମିକମ୍ପ ହେଉଥିବା ଜାଣି ଲୋକେ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ। ୨ ରୁ ୩ ସେକେଣ୍ଡ ଦୋହଲିଥିଲା। ତେବେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ସେହିପରି ଚାନ୍ଦିପୁଟ, ଚନ୍ଦ୍ରଗିରି, ଅଡବା, ଲୁହାଗୁଡ଼ି, ମହେନ୍ଦ୍ରଗଡ଼, ଛେଳିଗଡ଼ ଓ ରା.ଉଦୟଗିରି ଅଞ୍ଚଳରେ ମଧ୍ୟ ଭୂମିକମ୍ପ ହୋଇଥିବା ସୂଚନା ମିଳିଛି।

## ୧୪ରେ ବର୍ଷର ଶେଷ ରାଷ୍ଟ୍ରୀୟ ଲୋକ ଅଦାଲତ

ପାରଳାଖେମୁଣ୍ଡି, ୯ ।୧୨(ସମିସ): ଗଜପତି ଜିଲ୍ଲାରେ ଚଳିତ ମାସ ୧୪ ତାରିଖରେ ପାରଳାଖେମୁଣ୍ଡି, ରା.ଉଦୟଗିରି, ମୋହନା ଓ କାଶୀନଗରର ଅଦାଲତ ପରିସରରେ ବର୍ଷର ଶେଷ ତଥା ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ପ୍ରାକସ୍ତରୀୟ ମକଦ୍ଦମା ଓ ବିଚାରଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସଯୋଗ୍ୟ), ଚେକ୍‌ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ, ଲୋକସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ପାରିବାରିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ପେନସନ୍), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାରଣା ହେବ।

● ବରିଷ୍ଠ ନାଗରିକ ଦୌଡ଼କୁଦ ପ୍ରତିଯୋଗିତା

## ଗଜପତିର କିଶୋର ଚନ୍ଦ୍ର ରଥଙ୍କୁ ୩ ପଦକ



ପାରଳାଖେମୁଣ୍ଡି, ୯ ।୧୨(ସମିସ): ସିକନ୍ଦରାବାଦରେ ଅନୁଷ୍ଠିତ ବରିଷ୍ଠ ନାଗରିକ ଦୌଡକୁଦ ପ୍ରତିଯୋଗିତାରେ ଗଜପତିର କିଶୋର ଚନ୍ଦ୍ର ରଥଙ୍କୁ ୩ ପଦକ ମିଳିଛି। ସିକନ୍ଦରାବାଦ ସ୍ଥିତ ଓସମାନିଆ ୟୁନିଭର୍ସିଟି ଷ୍ଟାଡିୟମ ଠାରେ ଅନୁଷ୍ଠିତ ଷଷ୍ଠ ଜାତୀୟ ସିନିୟର୍ ସିଟିଜେନ୍ ଆଥେଲେଟିକ୍ ଚମ୍ପିୟନସିପ୍‌ରେ ସେ ଏହି ସଫଳତା ହାସଲ କରି ଗଜପତି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଏହି ଆଥେଲେଟିକ୍ ଚମ୍ପିୟନସିପ୍ ରେ ଓଡ଼ିଶାର ୮ ଜଣ ଭାଗ ନେଇଥିବା ବେଳେ ଦୁଇ ଜଣ ସଫଳତା ହାସଲ କରିଛନ୍ତି। ସେଥି ମଧ୍ୟରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର କିଶୋର ଅନ୍ୟତମ। କିଶୋର ଟ୍ରିପଲ୍ ଜମ୍ପ୍ ଓ ଲଙ୍ଗଜମ୍ପ୍‌ରେ ପ୍ରଥମ ହୋଇ ସ୍ୱର୍ଣ୍ଣ ଏବଂ ୧୦୦ ମିଟର ଦୌଡରେ ଦ୍ୱିତୀୟ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି। କିଶୋର ଜିଲ୍ଲାର ଜଣେ ପ୍ରତିଭାବନ ଖେଳାଳୀ ରୂପେ ପ୍ରତିଷ୍ଠିତ ହୋଇଥିବା ବେଳେ ଅବକାରୀ ବିଭାଗର କାର୍ଯ୍ୟ ବହନ କରି ଅନ୍ତର୍ଜାତୀୟ, ଜାତୀୟ, ଆନ୍ତଃରାଜ୍ୟ ଖେଳକୁଦ ପ୍ରତିଯୋଗିତାରେ ବହୁ ପଦକ ହାସଲ କରିଥିଲେ। ଅବସର ଗ୍ରହଣ ପରେ ଖେଳୁଆଡ ମନୋଭାବ ଜାରି ରଖି ଖେଳକୁଦ ପ୍ରତିଯୋଗିତାରେ ଭାଗ ନେଇ ଜିଲ୍ଲା, ରାଜ୍ୟ ତଥା ଦେଶ ପାଇଁ ସଫଳତା ଆଣିବାରେ ସକ୍ଷମ ହେଉଛନ୍ତି। ଏପରି ସଫଳତା ପାଇଁ ବିଚିତ୍ରାନନ୍ଦ ବେବର୍ତ୍ତା, ଦେବେନ୍ଦ୍ର ଦାସ, ବାବୁଲି ପାତ୍ର, ଭରତ ଭୂଷଣ ମହାନ୍ତି, ବାବୁଲି ରାଜଗୁରୁ, ଲକ୍ଷ୍ମୀ ଦାସ, ଦୀପକ ମହାନ୍ତି, ବାବୁଲା ବେହେରା ଓ ରଶ୍ମିରଞ୍ଜନ ମିଶ୍ର ଓ ଅନ୍ୟାମାନେ ଶୁଭେଚ୍ଛା ଜଣାଇଛନ୍ତି।

## କଳିଙ୍ଗ ବୈଶ୍ୟ ମହାସଂଘ ସଭାପତିଙ୍କ ବିୟୋଗରେ ଶୋକସଭା



ଜି.ଉଦୟଗିରି, ୯ ।୧୨(ସମିସ): କଳିଙ୍ଗ ବୈଶ୍ୟ ମହାସଂଘ ସଭାପତି ଟି.କେଦାର ନାଥ ସୁବୁଦ୍ଧିଙ୍କ ଅକାଳ ବିୟୋଗରେ ଜି. ଉଦୟଗିରି କଳିଙ୍ଗ ବୈଶ୍ୟ ସଂଘ ତରଫରୁ ଶୋକସଭା ଅନୁଷ୍ଠିତ ହୋଇଥିଲା। ଜି. ଉଦୟଗିରି ସଂଘ ପୁରଶ୍ରେଷ୍ଠି ପି.ସଞ୍ଜିବ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶୋକସଭାରେ ସଂଘ ତରଫରୁ ଅମର ଆତ୍ମାର ସଦଗତି କାମନା କରାଯିବା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅଶୋକ କୁମାର ପାତ୍ର, କୋଷାଧ୍ୟକ୍ଷ ଶ୍ରୀନାରାୟଣ ପାତ୍ର, ମହିଳା ସଂଘ ସଭାନେତ୍ରୀ ଶ୍ରାବଣୀ ପୃଷ୍ଟି, ସମ୍ପାଦିକା ରୁନିମା ପାତ୍ର, କୋଷାଧ୍ୟକ୍ଷ ଝିଲିରାଣୀ ପାତ୍ର, ଯୁବକ ସଂଘ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସମ୍ପାଦକ ରୋସନ ପୃଷ୍ଟିଙ୍କ ସମେତ ସଭ୍ୟ ଗଙ୍ଗାଧର ପାତ୍ର, ମନ ସନ୍ତୋଷ ପାତ୍ରଙ୍କ ସହ ବହୁ ସଭ୍ୟ ଯୋଗ ଦେଇଥିଲେ।

### 'କ୍ରାଣ୍ଡିବାଲିରେ ମୋବାଇଲ୍ ଟାୱାର ପ୍ରତିଷ୍ଠା ହେଉ'

# ଇଣ୍ଟର୍‌ନେଟ ସେବା ଯୋଗାଇବା ଦାବିରେ ରାସ୍ତାରୋକ

ଫିରିଙ୍ଗିଆ, ୯।୧୨(ସମିସ)



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଆଜି ପର୍ଯ୍ୟନ୍ତ ଉପାନ୍ତ ଅଞ୍ଚଳ ସହ ବିଭିନ୍ନ ଗାଁରେ ଇଣ୍ଟରନେଟ ସେବା ପାଇଁ କୌଣସି ସୁବିଧା ହୋଇ ନ ଥିବା ବେଳେ ଅବହେଳିତ ହୋଇ କୌଣସି ସୁବିଧା ପାଇପାରୁନାହାନ୍ତି ଉପାନ୍ତ ଅଞ୍ଚଳବାସୀ। ଇଣ୍ଟରନେଟ ସେବା ପାଇବା ପାଇଁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ କ୍ରାଣ୍ଡିବାଲିରେ ଜିଓ ଟାୱାର ନିର୍ମାଣ ସହ ବିଏସଏନଏଲ ଟାୱାର ନିର୍ମାଣ କରିବାକୁ ରାସ୍ତାରୋକ କରିବା ସହ ଧାରଣା ଦେଇଛନ୍ତି ଅଞ୍ଚଳବାସୀ। କ୍ରାଣ୍ଡିବାଲି, କାମଟଣା, ଡଙ୍ଗିମେଣ୍ଡି, ଡେପାପଡ଼ା, ପୁନିପଡ଼ା ଓ ଅଡାବାଲି ଭଳି ଅନେକ ଗାଁରେ ଇଣ୍ଟରନେଟ ସେବା ନ ଥିବାରୁ ଅଞ୍ଚଳବାସୀ ବିଭିନ୍ନ ନେଟ ସେବାରୁ ବଞ୍ଚିତ ହେଉଛନ୍ତ। ୫ ବର୍ଷ ପୂର୍ବରୁ କ୍ରାଣ୍ଡି ବାଲି ପଞ୍ଚାୟତରେ ଏକ ମିନି ବିଏସଏନଏଲ ଟାୱାର ନିର୍ମାଣ କରାଯାଇଥିଲା। ତାହା ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବିଭିନ୍ନ ଇଣ୍ଟରନେଟ ସେବା ପାଇଁ ଅଞ୍ଚଳବାସୀଙ୍କୁ ଗୋଛାପଡ଼ା କିମ୍ବା ଫିରିଙ୍ଗିଆ ଉପରେ ନିର୍ଭର କରୁଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୋବାଇଲ୍ ଟାୱାର ନିର୍ମାଣ ପାଇଁ ସରପଞ୍ଚ, ସମିତିସଭ୍ୟ ଓ ଅଞ୍ଚଳବାସୀ ବ୍ଲକ କାର୍ଯ୍ୟାଳୟ ଠାରୁ ଜିଲ୍ଲାପାଳଙ୍କ ପାଖରେ ଲିଖିତ ଭାବରେ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରିନାହିଁ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉତ୍ୟକ୍ତ ଅଞ୍ଚଳବାସୀ ସୋମବାର ସକାଳ ୬ ଟା ଠାରୁ କ୍ରାଣ୍ଡିବାଲି ପଞ୍ଚାୟତ ନିକଟରେ ଥିବା ଗୋଛାପଡ଼ା-ବାଲାନ୍ଦାପଡ଼ା ରାସ୍ତା କ୍ରାଣ୍ଡିବାଲି ନିକଟ ବ୍ରିଜ ଉପରେ ରାଜରାସ୍ତାକୁ ଅବରୋଧ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଘଟଣା ସ୍ଥଳରେ ଗୋଛାପଡ଼ା ପୁଲିସ ପହଞ୍ଚି ଥିବାବେଳେ ପୂର୍ବତନ ବିଧାୟକ ଅଙ୍ଗଦ କହଁରଙ୍କ ସହ ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ହୋଇ ଆନ୍ଦୋଳନକୁ ସମର୍ଥନ କରିଥିଲେ। ପୁଲିସ ଲୋକଙ୍କୁ ବୁଝାସୁଝା କରିଥିବା ବେଳେ ଆନ୍ଦୋଳନକାରୀ ଜିଓ କର୍ତ୍ତୃପକ୍ଷ ଓ ବିଏସଏନଏଲ କର୍ତ୍ତୃପକ୍ଷ ପହଞ୍ଚି ପ୍ରତିଶ୍ରୁତି ଦେଲେ ଆନ୍ଦୋଳନରୁ ହଟିବେ ବୋଲି ଜିଦ ଧରିଥିଲେ। ଘଟଣା ସ୍ଥଳରେ ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେ, ଅତିରିକ୍ତ ତହସିଲଦାର ଅଭିନାଶ ମିଶ୍ର, ଗୋଛାପଡ଼ା ଥାନା ଅଧିକାରିଣୀ ମନ ମଞ୍ଜରୀ ନାୟକ ପହଞ୍ଚି ଉତ୍ୟକ୍ତ ଜନସାଧାରଣଙ୍କୁ ବୁଝାସୁଝା କରିଥିଲେ। ତହସିଲଦାର ୭ ଦିନ ଭିତରେ ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ଥିବା ମିନି ବିଏସଏନଏଲ ଟାୱାରକୁ କାର୍ଯ୍ୟକ୍ଷମ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ରାସ୍ତା ଅବରୋଧରୁ ହଟିଥିଲେ। ଆଗାମୀ ୭ ଦିନ ଭିତରେ ସମସ୍ୟାର ସମାଧାନ ନ ହେଲେ ପୁଣି ଥରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା



ଫିରିଙ୍ଗିଆ, ୯।୧୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟର ଅଷ୍ଟାଦଶ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ କୁମାର ବିଶିଙ୍କ ଅଧକ୍ଷତାର ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର ଉଦଘାଟନୀ ସମାରୋହରେ ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନକୁ ପରିଚାଳନା ସମିତିର କୋଷାଧ୍ୟକ୍ଷ ପ୍ରଦିପ କୁମାର କହଁରଙ୍କ ଉଦଘାଟନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ସନ୍ତୋଷ କୁମାର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅଜିତ୍ କୁମାର ସାହୁ ଏବଂ ପରିଚାଳନା କମିଟିର ସଦସ୍ୟା ରସ୍ମିତ ପୃଷ୍ଟି ଓ ବୀଣାପାଣି ପାତ୍ରଙ୍କ ଉପସ୍ଥିତିରେ ପ୍ରତିଯୋଗିତା ଉଦଯାପିତ ହୋଇଥିଲା। ବିଦ୍ୟାଳୟର ୧୬୪ ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

